## ୪୧ ୟୁନିଟ୍ ରକ୍ତ ସଂଗୃହୀତ

ସାବରଙ୍ଗ,୧୯।୧(କାଳୀପଦ ରାୟ)

ଭଦ୍ରକ ସଦର ବ୍ଲକ ଅଧୀନ ସାହାଡ଼ା ପଞ୍ଚାୟତର ସମିଆଁଠାରେ ରବିବାର ବିଶ୍ୱ ବିଜୟିନୀ ୟୁଥ୍ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୪୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ମୁଖ୍ୟଅତିଥି ଭାବେ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ଓ ଅନ୍ୟତମ ଅତିଥି ଭାବେ ଶ୍ରୀରାମ ସେନାର ମୁଖ୍ୟ ଉପଦେଷ୍ଟା ଜ୍ଞାନପ୍ରକାଶ ପାଣି, ସାବରଙ୍ଗ ଥାନା ଏଏସ୍ଆଇ ରବୀନ୍ଦ୍ର ନାଥ ସିଂ, ସାହାଡ଼ା ପଞ୍ଚାୟତ ସରପଞ୍ଚ ମାଧବାନନ୍ଦ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଲମ୍ବୋଦର ଦଳେଇ, ସମ୍ପାଦକ ପ୍ରତାପ ସାହୁ, ସଭ୍ୟ ଦୀପକ ଦଳେଇ, ବାବୁରାମ ବେହେରା, ଚଗିଲି ସାହୁ, ଚନ୍ଦନ ମହାପାତ୍ର, କାହ୍ନୁ ଦଳେଇ ପ୍ରମୁଖ ସହଯୋଗ କରିଥିଲେ। ରକ୍ତଭଣ୍ଡାରର ଡା. ବିମଳା ମିଶ୍ର, ଆକାଶ କୁମାର ମହନ୍ତ, ବିଶ୍ୱରଞ୍ଜନ ବଳ, ଯାଜ୍ଞସେନୀ ସାହୁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

# ମଣ୍ଡି ଆଗରେ କାକରରେ ପଡ଼ିରହିଛି ଧାନ

### ଆନ୍ଦୋଳନ ଚେତାବନୀ ଦେଲେ ଚାଷୀ

ଧାମନଗର,୧୯।୧
(ସନ୍ତୋଷ କୁମାର ମହାପାତ୍ର)


ସମିତି ଆଗରେ ଚାଷୀମାନେ।

ଧାମନଗର ବ୍ଲକରେ ସରକାରୀ ମଣ୍ଡିକୁ ଦୁଇଦିନ ତଳେ ବିକ୍ରି ପାଇଁ ଚାଷୀ ଆଣିଥିବା ଧାନ ମଣ୍ଡି ବାହାରେ ରହି ଶୀତ କାକରରେ ପଡ଼ି ରହିଛି। ଶୁକ୍ରବାର ମିଲର, ନୋଡାଲ ଅଫିସର, ଆର୍ଏମ୍ସି ଅଧିକାରୀ, ସମିତି ସମ୍ପାଦିକାଙ୍କ ସହ ଚାଷୀଙ୍କ ମଧ୍ୟରେ କଟ୍ନି ଛଟ୍ନିକୁ ନେଇ ଆଲୋଚନା ହୋଇଥିଲେ ମଧ୍ୟ ସମାଧାନ ହୋଇ ନ ପାରିବାରୁ ଧାନ ନ କିଣି ମିଲରମାନେ ଫେରି ଯାଇଛନ୍ତି। ଏହାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଦଳାଙ୍ଗ କୃଷି ସେବା ସମବାୟ ସମିତି ପରିଚାଳନା ପରିଷଦ ସମିତି ସମ୍ପାଦିକା ସ୍ୱାଗତିକା ରାଉତ ସମିତି ଅଧୀନ ଅନ୍ଲାଇନ ଟୋକନ ପାଇଥିବା ଚାଷୀମାନଙ୍କୁ ଧାନ ବିକ୍ରି ପାଇଁ ସୂଚନା ଦେଇଥିଲେ। ସୂଚନା ମୁତାବକ ଶୁକ୍ରବାର କେତେଜଣ ଚାଷୀ ସେମାନଙ୍କ ଧାନ ମଣ୍ଡିକୁ ଆଣିଥିଲେ। ସେଠାରେ ଉପସ୍ଥିତ ଥିବା ଆର୍ଏମ୍ସି ଅଧିକାରୀ ନୃସିଂହ ପୃଷ୍ଟି, ନୋଡାଲ ଅଫିସର ସତ୍ୟବ୍ରତ ରାଉତ ପ୍ରମୁଖଙ୍କ ଉପସ୍ଥିତିରେ ଧାନର ମାନ ନିରୀକ୍ଷଣ ପରେ ଏଫ୍ଏକ୍ୟୁ ମାନର ଧାନ ନୁହେଁ ବୋଲି ଉପସ୍ଥିତ କ୍ୱାଲିଟି କଣ୍ଟ୍ରୋଲ ଅଧିକାରୀମାନେ କହିଥିଲେ। ଅପରପକ୍ଷେ ୬ ଜଣିଆ ଧାନ କ୍ରୟ କମିଟି ଗଠନ କରାଯାଇ ପରିଚାଳନା ପରିଷଦ ଦ୍ୱାରା ବିଡିଓଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଯାଇଥିଲା। ବିଡିଓ ଅନୁମୋଦନ କରି ସମିତିକୁ ପଠାଇ ନାହାନ୍ତି ବୋଲି ସମ୍ପାଦିକା ରାଉତ କହିଛନ୍ତି। ଧାନ ନ ଉଠିଲା ପର୍ଯ୍ୟନ୍ତ ମଣ୍ଡି ଆଗରେ ଏଭଳି ଧାନ ବସ୍ତା ରଖାଯିବ। ନଚେତ୍ ଆଗାମୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚାଷୀ ଦୀପକ ହାତୀ, ଭାସ୍କର ରାଉତ, ପ୍ରଭାତ ପଣ୍ଡା, କେଶବ ନାୟକ, ସୁଶାନ୍ତ ପ୍ରଧାନ, ଗୋପୀନାଥ ସାହୁ, ନିରାକାର ପଣ୍ଡା, ପ୍ରଭାକର କବି ପ୍ରମୁଖ ଚେତାବନୀ ଦେଇଛନ୍ତି।

## ମନ୍ତ୍ରୀଙ୍କ ଗସ୍ତ ପରେ ବଢ଼ିଲା ଧାନକିଣା ହାର

ଭଦ୍ରକ,୧୯।୧(ସନାତନ ରାଉତ)

- ଜିଲାରେ ୪୪୭୯ ଚାଷୀଙ୍କଠାରୁ କିଣାଗଲାଣି ୨୩୯୫୯.୬୩ କୁଇଣ୍ଟାଲ
- ଅନିୟମିତତା ଯୋଗୁ ବଦଳିଲେ ତେସିଙ୍ଗା ସମିତି ସମ୍ପାଦକ

ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗତ ଗୁରୁବାର ଭଦ୍ରକ ଜିଲା ଗସ୍ତ କରି ସରକାରୀ ଦରରେ ଧାନ କ୍ରୟ ବ୍ୟବସ୍ଥାର ତଦାରଖ ସହ ମଣ୍ଡି ପରିଦର୍ଶନ କରିଥିଲେ। ମନ୍ତ୍ରୀଙ୍କ ଗସ୍ତ ପରେ ଜିଲାରେ ମଣ୍ଡିରେ ଧାନ କିଣା ହାର ବୃଦ୍ଧି ପାଇଛି। ଜିଲାର ସମସ୍ତ ୧୫୦ଟି ମଣ୍ଡି ଖୋଲାଯାଇ ଧାନ କ୍ରୟ ଆରମ୍ଭ କରାଯାଇଛି। ଗୁରୁବାର ଧାନ କିଣା ୧୦.୨ ପ୍ରତିଶତ ଥିବାବେଳେ ଦୁଇଦିନ ମଧ୍ୟରେ ଶନିବାର ସୁଦ୍ଧା ୨୦.୬୧ ପ୍ରତିଶତ ଧାନ ମଣ୍ଡିରେ କିଣାଯାଇଛି। ଜିଲାର ସମୁଦାୟ ପଞ୍ଜୀକୃତ ୮୦,୫୩୩ ଚାଷୀଙ୍କ ମଧ୍ୟରୁ ୪୪୭୯ଜଣ ଧାନ ବିକି ସାରିଛନ୍ତି। ୨୩୯୫୯.୬୩ କୁଇଣ୍ଟାଲ ଧାନ କିଣାଯାଇଛି।

ଭଣ୍ଡାରିପୋଖରୀ ବ୍ଲକର ତେସିଙ୍ଗା ସେବା ସମବାୟ ସମିତି ଦ୍ୱାରା ମଣ୍ଡିରେ ଧାନ କିଣା ନ ଯାଇ ସିଧାସଳଖ ମିଲ୍କୁ ପଠାଇଦେବା, ମଣ୍ଡିରେ ସିସିଟିଭି କାମ ନ କରିବା ଆଦି ନେଇ ଅଭିଯୋଗ ହୋଇଥିଲା। ତଦନ୍ତ ପରେ ଅନିୟମିତତା ପାଇଁ ଉକ୍ତ କେନ୍ଦ୍ରର ଧାନ କ୍ରୟ ଅଧିକାରୀ ତଥା ସମ୍ପାଦକ ରାଜେନ୍ଦ୍ର କୁମାର ଖଣ୍ଡେଇଙ୍କୁ ଶନିବାର ଜିଲା ପ୍ରଶାସନ ପକ୍ଷରୁ ବଦଳାଇ ଦିଆଯାଇଛି। ସେହିପରି ଭଦ୍ରକ ବ୍ଲକ ବହୁଦରଢ଼ାର ଶ୍ରୀରାମ ପାକ୍ସ ଦ୍ୱାରା ମଣ୍ଡିରେ ଧାନ କ୍ରୟ ଖୁବ୍ ମନ୍ଥର ଥିବାରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

## ଭୁଲ୍ ଔଷଧ ଯୋଗୁ ମରିଗଲେ ୨୫ କୁକୁଡ଼ା

ବନ୍ତ,୧୯।୧(ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଟିଲୋ କଣ୍ଡାପଡ଼ା ଦାସସାହି ଗ୍ରାମରେ ଭୁଲ୍ ଔଷଧ ଯୋଗୁ ୨୫ କୁକୁଡ଼ା ମରିଯାଇଥିବା ନେଇ ଅଭିଯୋଗ ହୋଇଛି। ମଲା କୁକୁଡ଼ାକୁ ଧରି ମାଲିକ ରବିବାର ବନ୍ତ ପ୍ରାଣୀ ଚିକିତ୍ସାକେନ୍ଦ୍ର ଆଗରେ କ୍ଷତିପୂରଣ ଦାବି କରିଥିଲେ। ରବିବାର ଚିକିତ୍ସା କେନ୍ଦ୍ର ବନ୍ଦ ଥିବାରୁ ସେ ନିରାଶ ହୋଇ ଫେରିଛନ୍ତି। ଉକ୍ତ ଗ୍ରାମର ଏସ୍ଏଚ୍ଜି ମହିଳା ଅମ୍ବିକା ଦାସ ଅଭିଯୋଗ କରିଛନ୍ତି ଯେ, ସରକାରୀ ସ୍କିମ୍ରେ ସେ ୨୫ଟି କୁକୁଡ଼ା ଛୁଆ ନେଇଥିଲେ। ଏବେ ଅତ୍ୟଧିକ ଥଣ୍ଡା ପଡ଼ିଥିବାରୁ କୁକୁଡ଼ାଗୁଡ଼ିକର ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଥିଲା। ସେ ବନ୍ତ ପ୍ରାଣୀ ଚିକିତ୍ସାଳୟର ଡାକ୍ତରଙ୍କ ସହ ଯୋଗାଯୋଗ କରିବା ପରେ ଶନିବାର ଅପରାହ୍ନରେ ଜଣେ କର୍ମଚାରୀ ଯାଇ କୁକୁଡ଼ାଗୁଡ଼ିକୁ ଔଷଧ ଦେଇଥିଲେ। ରବିବାର ସକାଳେ କୁକୁଡ଼ାଗୁଡ଼ିକ ମରି ଯାଇଥିଲେ। ମଲା କୁକୁଡ଼ାଙ୍କୁ ଧରି ଅମ୍ବିକା ଓ ତାଙ୍କ ଶ୍ୱଶୁର ଉମାକାନ୍ତ ଦାସ ରବିବାର ସକାଳେ ବନ୍ତ ପ୍ରାଣୀ ଚିକିତ୍ସା କେନ୍ଦ୍ର ଆଗରେ ପହଞ୍ଚିଥିଲେ। ଭୁଲ୍ ଔଷଧ ଯୋଗୁ ସମସ୍ତ କୁକୁଡ଼ା ମରିଯାଇଥିବା ସେମାନେ ଦର୍ଶାଇଛନ୍ତି।

ସେ ଜଣେ ଗରିବ ଲୋକ ହୋଇଥିବା ବେଳେ ଋଣ ନେଇ କୁକୁଡ଼ା ଆଣିଥିଲେ। କିନ୍ତୁ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ଭୁଲ୍ ଔଷଧ ଦିଆଯିବାରୁ ତାଙ୍କର ସବୁ କୁକୁଡ଼ା ମରିଗଲେ। ତାଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ଅମ୍ବିକା ଦାବି କରିଛନ୍ତି। ଜଣେ କର୍ମଚାରୀ କୁକୁଡ଼ାଗୁଡ଼ିକୁ ଔଷଧ ଦେଇଥିବା ବେଳେ ଏହାକୁ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଯୋଗମାୟା ସିଂ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି, ଘଟଣା ସମ୍ପର୍କରେ ସେ ଜାଣିନାହାନ୍ତି। କୁକୁଡ଼ା ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା ନେଇ ତାଙ୍କୁ କେହି ଫୋନ୍ କରି ନ ଥିଲେ କିମ୍ବା ସେ କୌଣସି କର୍ମଚାରୀଙ୍କୁ ଔଷଧ ଦେବାକୁ ପଠାଇ ନ ଥିଲେ। ତେବେ ଔଷଧ ଦେଇଥିବା କର୍ମଚାରୀ ଜଣକ ପ୍ରାଣୀ ଚିକିତ୍ସା ବିଭାଗର ନୁହନ୍ତି ବୋଲି ଚର୍ଚ୍ଚା ହେଉଛି। ଜଣେ ଅଣ କର୍ମଚାରୀ ଗତ କିଛିଦିନ ଧରି ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସାଧିକାରୀଙ୍କ ପୃଷ୍ଠପୋଷକତାରେ ସ୍ଥାନୀୟ ଅଞ୍ଚଳରେ ପଶୁପକ୍ଷୀଙ୍କ ଚିକିତ୍ସା କରୁଛନ୍ତି। ସେହି ଅଣତାଲିମପ୍ରାପ୍ତ କର୍ମଚାରୀଙ୍କ ଭୁଲ୍ ଔଷଧ କାରଣରୁ କୁକୁଡ଼ାଗୁଡ଼ିକ ମରିଥିବା ଚର୍ଚ୍ଚା ହେଉଛି।

## ବାସୁଦେବପୁରରେ ନୂତନ ବ୍ଲକ୍ ଦାବି

ବାସୁଦେବପୁର,୧୯।୧
(ନାରାୟଣ ପ୍ରସାଦ ବାରିକ୍)

### ଏକଜୁଟ ହେଲେ ୧୫ ପଞ୍ଚାୟତବାସୀ

ବାସୁଦେବପୁରରେ ଏକ ନୂତନ ବ୍ଲକ୍ ଗଠନ ଦାବିରେ ରବିବାର ୧୫ଟି ପଞ୍ଚାୟତର ଜନସାଧାରଣ, ଲୋକପ୍ରତିନିଧି ଓ ବୁଦ୍ଧିଜୀବୀ ଏକଜୁଟ ହୋଇଛନ୍ତି। ଗୋପବନ୍ଧୁନଗର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ ବୈଠକରେ ନୂତନ ବ୍ଲକ ଗଠନ ପାଇଁ ସେମାନେ ଦାବି ରଖିଛନ୍ତି। ରାଜ୍ୟ ସରକାରଙ୍କ ପ୍ରସ୍ତାବ ମୁତାବକ ଆବଶ୍ୟକ ସ୍ଥାନରେ ନୂତନ ବ୍ଲକ୍ ଗଠନ ହେବାର ପ୍ରକ୍ରିୟା ଆରମ୍ଭ ହେବା ସହ ଏନେଇ ପ୍ରସ୍ତାବ ଥିବା ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିକ୍ରିୟା ଆସିବା ପରେ ବାସୁଦେବପୁର ଅଞ୍ଚଳର ୧୫ ପଞ୍ଚାୟତବାସୀ ଏକାଠି ହୋଇ ନୂତନ ବ୍ଲକ୍ ଦାବି କରିଛନ୍ତି।

୩୬ ପଞ୍ଚାୟତକୁ ନେଇ ବାସୁଦେବପୁର ବ୍ଲକ୍ ହୋଇଛି। ବାଲିମୁଣ୍ଡା, ବିରସ, ଗୋପବନ୍ଧୁନଗର, ବିନୋବାଭାବେନଗର, ବିଦେଇପୁର, ସାନକୃଷ୍ଣପୁର, କିସ୍ମତକୃଷ୍ଣପୁର, ରାଜଘରପୋଖରୀ, ଗୋବିନ୍ଦପୁର, କରଞ୍ଜଆଡ଼ିଆ, ନାୟକାଣିଡିହୀ, ଆନ୍ଦୋଳା, ଲକ୍ଷ୍ମୀଦାସପୁର, ଜଗନ୍ନାଥପ୍ରସାଦ, ବାଲିମେଦ ଆଦି ପଞ୍ଚାୟତର କେତେଜଣ ବୁଦ୍ଧିଜୀବୀ, ପଞ୍ଚାୟତ ପ୍ରତିନିଧି ଓ ସାମାଜିକ କର୍ମୀ ବୈଠକରେ ସାମିଲ ହୋଇ ଏହି ପ୍ରସ୍ତାବ ରଖିଛନ୍ତି। ଏହି ପଞ୍ଚାୟତଗୁଡ଼ିକଠାରୁ ବ୍ଲକ୍ କାର୍ଯ୍ୟାଳୟ ବହୁ ଦୂରରେ ରହିଛି। ସେମାନଙ୍କ ପଞ୍ଚାୟତକୁ ବାସୁଦେବପୁର ବ୍ଲକ୍ରୁ ଅଲଗା କରାଯାଇ ଏକ ନୂତନ ବ୍ଲକ ଗଠନ କରାଯାଉ ବୋଲି ସେମାନେ ଦାବି ଉପସ୍ଥାପନ କରିଛନ୍ତି। ସାମାଜିକ କର୍ମୀ ବୈଲୋଚନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାମାଜିକ କର୍ମୀ ଆଦିତ୍ୟ ଗିରି, ନିରଞ୍ଜନ ଦାସ, ଦୟାନିଧି ଦାସ, ରଙ୍ଗାଧର ଜେନା, ମୁକ୍ତିକାନ୍ତ ଘଡ଼େଇ, ରତିକାନ୍ତ ରାଉତ, ଗିରିଜା ଶଙ୍କର ନାୟକ, ଜୟଦେବ ବାରିକ୍, ତପନ ଭୁୟାଁ, ତପନ ଦାସ, କୃଷ୍ଣଚନ୍ଦ୍ର ଘଡ଼େଇ, ଚୁନା ବଳ, ରମେଶ ଚନ୍ଦ୍ର ବଳ ପ୍ରମୁଖ ଯୋଗ ଦେଇଥିଲେ।

## ବର-ଅଶ୍ୱତ୍ଥ ଗଛର ବିବାହ


ବିଲଣା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ବର-ଅଶ୍ୱତ୍ଥ ଗଛ ପାଖରେ କନ୍ୟା ଓ ବର ପିତା।

ତିହିଡ଼ି,୧୯।୧(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ବିଲଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରବିବାର ବର-ଅଶ୍ୱତ୍ଥ ଗଛର ବିବାହ ସମ୍ପନ୍ନ ହୋଇଛି। କିଛିବର୍ଷ ପୂର୍ବେ ପୂର୍ବତନ ଜିଲା ପରିଷଦ ସଭ୍ୟ ଦେବେନ୍ଦ୍ର ପୁହାଣ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବର ଓ ଅଶ୍ୱତ୍ଥ ଗଛ ଲଗାଇଥିଲେ। ଗଛର ବାହାଘର କରିବେ ବୋଲି ସେ ମାନସିକ ରଖିଥିଲେ। ତଦନୁଯାୟୀ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ବିବାହ ସମ୍ପନ୍ନ ହୋଇଛି। କନ୍ୟା ପିତା ରୂପେ ଦେବେନ୍ଦ୍ର ଏବଂ ବର ପିତା ରୂପେ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଅନୁରୂପ ଅଂଶୁମାନ ଏହି କାର୍ଯ୍ୟ ତୁଲାଇଥିଲେ। ପ୍ରତାପ ରୁଦ୍ର ପଣ୍ଡା ଓ ଭକ୍ତହରି ମହାପାତ୍ର ବ୍ରାହ୍ମଣ ରୂପେ ବିବାହ କାର୍ଯ୍ୟ କରିଥିଲେ। ତ୍ୟାଗଭୂମି ସମ୍ମେଳନର ସଭାପତି ଅଜୟ ନାୟକ, ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ସମିତିସଭ୍ୟ ଭାଗୀରଥି ମଳିକ, ସରପଞ୍ଚଙ୍କ ପ୍ରତିନିଧି ବିଶ୍ୱରଞ୍ଜନ ନାୟକ, ବିଲଣା ସମବାୟ ସମିତି ସମ୍ପାଦକ ଅମରେନ୍ଦ୍ର ନାୟକ, ସନ୍ତୋଷ ନାୟକ, କ୍ଷୀରସିନ୍ଧୁ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ବଳରାମ ଲେଙ୍କା, ବିତ୍ତୀୟ ଅଧିକାରୀ ବିପ୍ଳବ ରଞ୍ଜନ ପତି, ଶାନ୍ତିଲତା ମିଶ୍ର, ଦୀପ୍ତିକାନ୍ତ ଭଞ୍ଜ, ଦୀପଂଜ୍ୟୋତି ନାୟକ, ପର୍ଶୁରାମ ନାୟକ, ସୁନୀଲ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ନିର୍ଦ୍ଧାରିତ ଶିକ୍ଷାନୀତି ଅନୁସାରେ ଶିକ୍ଷାଦାନ ଲାଗି ପରାମର୍ଶ


ସମ୍ମିଳନୀରେ ଅତିଥି ଓ ପ୍ରଧାନ ଶିକ୍ଷକମାନେ।

ଭଦ୍ରକ,୧୯।୧(ସନାତନ ରାଉତ)

### ପ୍ରଧାନ ଶିକ୍ଷକ ସମ୍ମିଳନୀ

ଭଦ୍ରକ ଜିଲା ବନ୍ତ ବ୍ଲକ ଆଡ଼ିଆସ୍ଥିତ ଆରଡ଼େଶ୍ୱର ଉଚ୍ଚ ବିଦ୍ୟାଳୟରେ ଶନିବାର ମାଧ୍ୟମିକ ଉଚ୍ଚ ବିଦ୍ୟାଳୟସ୍ତରୀୟ ପ୍ରଧାନ ଶିକ୍ଷକଙ୍କ ମାସିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଇଓ ପ୍ରଫୁଲ୍ଲ ଚନ୍ଦ୍ର ସାହୁ ଯୋଗଦେଇ ସରକାରଙ୍କ ନିର୍ଦ୍ଧାରିତ ଶିକ୍ଷାନୀତି ଅନୁସାରେ ବିଦ୍ୟାଳୟରେ ଶିକ୍ଷାଦାନ କରିବାକୁ ଉପସ୍ଥିତ ପ୍ରଧାନ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଏବିଇଓ ପ୍ରମୋଦ କୁମାର ପଣ୍ଡା, ଭାଗୀରଥି ପାତ୍ର ଓ ବିଆର୍ସିସି ହରେକୃଷ୍ଣ ଆପଟ ଯୋଗଦେଇ ସରକାରଙ୍କ ପ୍ରଣୀତ ଶିକ୍ଷାନୀତି ଉପରେ ଆଲୋକପାତ କରିଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶଶିଶେଖର କରଶର୍ମା ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ନୃସିଂହ ଚରଣ ସାହୁ, ଦୁର୍ଯ୍ୟୋଧନ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ରବୀନ୍ଦ୍ର ପ୍ରସାଦ ନନ୍ଦ, ବସନ୍ତ କୁମାର ପ୍ରଧାନ, ପରମାନନ୍ଦ ପଣ୍ଡା, କୁଞ୍ଜ ବିହାରୀ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସମ୍ମିଳନୀରେ ବ୍ଲକ ଅଧୀନ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ।

## ପ୍ରଶାସନ ସହାୟତାରେ ଗାଁରେ ପହଞ୍ଚିଲା ଶ୍ରମିକଙ୍କ ମୃତଦେହ

ଭଦ୍ରକ,୧୯।୧(ସନାତନ ରାଉତ)

### ତାମିଲନାଡ଼ୁ ଯିବାବେଳେ ଟ୍ରେନ୍ରେ ଚାଲିଗଲା ଜୀବନ

ତାମିଲନାଡ଼ୁକୁ ଯାଉଥିବା ବେଳେ ଟ୍ରେନ୍ରେ ଭଦ୍ରକର ଜଣେ ବ୍ୟକ୍ତିଙ୍କ ଜୀବନ ଚାଲି ଯାଇଥିବା ବେଳେ ଶ୍ରମ ବିଭାଗ ଓ ଜିଲା ପ୍ରଶାସନ ସହାୟତାରେ ତାଙ୍କ ମୃତଦେହ ରବିବାର ଗାଁରେ ପହଞ୍ଚିଛି। ମୃତକ ହେଲେ ଭଦ୍ରକ ବ୍ଲକ ଅଧୀନ ବଳଭଦ୍ରପୁର ବଳଜିତପଡ଼ା ଗ୍ରାମର ପବିତ୍ର କୁମାର ସ୍ୱାଇଁ। ସେ ତାମିଲନାଡ଼ୁରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେ ଘରୁ ଗତ ୧୬ ତାରିଖରେ ଟ୍ରେନ୍ରେ କାର୍ଯ୍ୟକ୍ଷେତ୍ରକୁ ଯାଉଥିଲେ। ୧୭ ତାରିଖରେ ଚଳନ୍ତା ଟ୍ରେନ୍ରେ ହୃଦ୍ଘାତରେ ତାଙ୍କ ମୃତ୍ୟୁ ଘଟିଥିଲା। ଶ୍ରମ ବିଭାଗ ପ୍ରଚେଷ୍ଟାରେ ତାଙ୍କ ମୃତଦେହ ଫ୍ଲାଇଟରେ ରବିବାର ଭୁବନେଶ୍ୱରରେ ପହଞ୍ଚିବା ପରେ ରାଜ୍ୟ ଶ୍ରମ ବିଭାଗ ଅଧିକାରୀମାନେ ମୃତଦେହକୁ ବଳଜିତପଡାକୁ ପଠାଇଥିଲେ। ଜିଲା ଶ୍ରମ ଆୟୁକ୍ତ କାର୍ଯ୍ୟାଳୟର ପ୍ରେମ ମଞ୍ଜରୀ ନାୟକ ଓ ସହକାରୀ ଶ୍ରମ ଅଧିକାରୀ ରତ୍ନାକର ମଲ୍ଲିକଙ୍କ ଉପସ୍ଥିତିରେ ମରଶରୀରକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜୀକୃତ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଓ ଅନ୍ତ୍ୟେଷ୍ଟିକ୍ରିୟାଜନିତ ସହାୟତା ରାଶି ପ୍ରଦାନ ନିମନ୍ତେ ଶ୍ରମ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ମୃତ ଶ୍ରମିକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ପ୍ରଦାନ କରାଯାଉଥିବା ବେଳେ ଏବେ ସହାୟତା ରାଶି ୩ ଲକ୍ଷକୁ ବୃଦ୍ଧି କରାଯାଇଛି ବୋଲି ସହକାରୀ ଶ୍ରମ ଅଧିକାରୀ ମଲ୍ଲିକ କହିଛନ୍ତି।

## ପଞ୍ଚାୟତରେ ଭାଜପା ସଙ୍ଗଠନ ମଜଭୁତ ଉପରେ ଗୁରୁତ୍ୱ

ଧାମନଗର,୧୯।୧(ଦେବେନ୍ଦ୍ର ଆଦିଆ)

ଧାମନଗର ବ୍ଲକର ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ଭାଜପାର ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର କାଞ୍ଚିଆପାଳଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମଣ୍ଡଳ ସଭାପତି ରମେଶ ଚନ୍ଦ୍ର ପତିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ସମ୍ପାଦକ ଅରବିନ୍ଦ ପତି, ଖଡିପଦା ପଞ୍ଚାୟତ ସମିତିସଭ୍ୟାଙ୍କ ପ୍ରତିନିଧି ଲକ୍ଷ୍ମୀଧର ପାଣିଗ୍ରାହୀ, ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ରଞ୍ଜିତ ସାହୁ, ପ୍ରମୋଦ ଆଦିଆ, ଗୋପାଳ ବେହେରା, ବିଶ୍ୱନାଥ ମିଶ୍ର, ବିଶ୍ୱନାଥ ଦାସ, କୁଳମଣି ଶତପଥୀ, ଗଜେନ୍ଦ୍ର ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଆନନ୍ଦପୁର ପଞ୍ଚାୟତରେ ଦଳୀୟ ସଙ୍ଗଠନ କିପରି ଅଧିକ ମଜଭୁତ ହୋଇପାରିବ ସେନେଇ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। କର୍ମୀମାନେ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସୁଖଦୁଃଖର ସାଥୀ ହେବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତର ୭ ନବନିର୍ବାଚିତ ବୁଥ୍ ସଭାପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଧରଣୀ ଜେନା, ଉମାକାନ୍ତ ସାହୁ, ନରେନ୍ଦ୍ର ଦାଶ, ପ୍ରମୋଦ ବେହେରା, କବୀନ୍ଦ୍ର ସୂତାର, କମଳାକାନ୍ତ ପତି, ଅମୂଲ୍ୟ ମହାନ୍ତି, ନାରାୟଣ ଚନ୍ଦ୍ର ପୃଷ୍ଟି ପ୍ରମୁଖ ପରିଚାଳନା କରିଥିଲେ। ଅନ୍ୟ ଦଳ ଛାଡ଼ି କେତେକ ଯୁବକ ଭାଜପାରେ ସାମିଲ ହୋଇଥିବାରୁ ସ୍ୱାଗତ କରାଯାଇଥିଲା।

## 'ସମାଜର ଉନ୍ନତି ପାଇଁ ବରିଷ୍ଠ ନାଗରିକଙ୍କ ପରାମର୍ଶ ଅପରିହାର୍ଯ୍ୟ'

ଧାମନଗର,୧୯।୧(ଦେବେନ୍ଦ୍ର ଆଦିଆ)

ସମାଜର ଉନ୍ନତି ପାଇଁ ବରିଷ୍ଠ ନାଗରିକଙ୍କ ପରାମର୍ଶ ଅପରିହାର୍ଯ୍ୟ। ବର୍ତ୍ତମାନ ଉତ୍ତରପିଢ଼ି ଆଧୁନିକ ସଭ୍ୟତାର ଦ୍ୱାହି ଦେଇ ପରମ୍ପରା ଓ ସଂସ୍କୃତିଠାରୁ ଦୂରେଇ ଯାଉଥିବା ପରିଲକ୍ଷିତ ହେଉଛି। ଏଭଳି ପରିସ୍ଥିତିରେ ବୟସ୍କ ବ୍ୟକ୍ତିମାନେ ସମାଜରେ ଅଲୋଡ଼ା ତଥା ଶାରୀରିକ ଓ ମାନସିକ ନିର୍ଯ୍ୟାତନାର ଶିକାର ହେଉଛନ୍ତି। ନୈତିକ ଚେତନାର ଘୋର ଅଭାବ ମା' ବାପାଙ୍କ ପ୍ରତି ପରପିଢ଼ିର ଦୁର୍ବ୍ୟବହାର କଠୋର ସ୍ଥଳେ ଭକ୍ତି, ଆଦର ଓ ମମତା ସବୁ ଗଭୀର ଅନ୍ଧକାର ଗର୍ଭଗୃହରେ ବିଲୀନ ଭଳି ସମସ୍ୟା ଦେଖା ଦେଇଥିବା ରବିବାର ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବରିଷ୍ଠ ନାଗରିକ ପରିଷଦର ୮ମ ବାର୍ଷିକ ସମାରୋହ ଓ ସାଧାରଣ ଅଧିବେଶନରେ ମତପ୍ରକାଶ ପାଇଛି। ପରିଷଦର ସଭାପତି ଅନିଲ କୁମାର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଏମ୍ପି ଅଭିମନ୍ୟୁ ସେଠୀ, ମୁଖ୍ୟବକ୍ତା ଡା. ଅଜିତ ପ୍ରସାଦ ଜେନା, ଅନ୍ୟତମ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ଶର୍ମିଷ୍ଠା ବେହେରା, ଏନ୍ଏସି ଚେୟାରମ୍ୟାନ ନିବେଦିତା ଜେନା ଓ ଜିଲା ବରିଷ୍ଠ ନାଗରିକ ମହାସଂଘ ସଭାପତି ଲଳାଟେନ୍ଦୁ ମହାନ୍ତି ଯୋଗ ଦେଇଥିଲେ।

ଏହି ଅବସରରେ ନିରାକାର ମହାନ୍ତି, ମୁରଲୀଧର ସାହୁ, ଲମ୍ବୋଦର ମହାନ୍ତି, କୈଳାସ ଚନ୍ଦ୍ର ମହାପାତ୍ର, ତପନ କୁମାର ବେହେରା ଓ ୫ଜଣ ପୃଷ୍ଠପୋଷକଙ୍କୁ ସଭ୍ୟ ଭାବେ ଗ୍ରହଣ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମହେଶ୍ୱର ସ୍ୱାଇଁ ମଞ୍ଚ ଆମନ୍ତ୍ରଣ, ଅନନ୍ତ ଭୂଷଣ ମିଶ୍ର ବେଦ ପାଠ, ଦଶରଥ ଦାସ ସାଗତ ଭାଷଣ ଓ ଭୋଳାନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ ପରିଷଦର ସମ୍ପାଦକ ସଚିକାନ୍ତ ପଣ୍ଡା। ବିଦ୍ୟାଧର ରାଉତ, ନିରାକାର ଧଳ, ସୁରଥ ସେଠୀ, ନୃସିଂହ ଚରଣ ନାୟକ, ହୃଦାନନ୍ଦ କର, ନରେନ୍ଦ୍ର ମଲ୍ଲିକ, ନରେନ୍ଦ୍ର ଦାସ, ବୃନ୍ଦାବନ ମହାନ୍ତି, ବିଶ୍ୱନାଥ ବେହେରା, ଗୋଲାମ ଜିଲାନି ହବିବ, ମହମ୍ମଦ ହବିବୁର ରହେମାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଭିମନ୍ୟୁ ମଲ୍ଲିକ ଧନ୍ୟବାଦ ଦେଇଥିଲେ।



ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ସମାରୋହରେ ଉପସ୍ଥିତ ଅତିଥି।

## ବ୍ରହ୍ମେଶ୍ୱର ମହାଦେବ, ଅନ୍ନପୂର୍ଣ୍ଣା ମନ୍ଦିର ପ୍ରତିଷ୍ଠା ଉତ୍ସବ

ସାବରଙ୍ଗ,୧୯।୧(କାଳୀପଦ ରାୟ)

ଭଦ୍ରକ ବ୍ଲକ ଅଧୀନ ସାହାଡ଼ା ପଞ୍ଚାୟତର ରାଉତସାହିରେ ରବିବାର ବ୍ରହ୍ମେଶ୍ୱର ମହାଦେବ ଓ ଅନ୍ନପୂର୍ଣ୍ଣା ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସ ଶୋଭାଯାତ୍ରା, ମହାରୁଦ୍ରମ୍ ଯଜ୍ଞ ସହ ଲିଙ୍ଗ ସ୍ଥାପନ କରାଯାଇଥିଲା। ପ୍ରତିଷ୍ଠା ଉତ୍ସବରେ ପୂଜାବିଧି ସମାପନ ପାଇଁ ପଣ୍ଡିତ ରବୀନ୍ଦ୍ର ମିଶ୍ର ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଗାଁ ଉତ୍ସବମୁଖର ହୋଇଥିଲା। ଶ୍ରଦ୍ଧାଳୁମାନେ ଉତ୍ସବରେ ଯୋଗ ଦେଇଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ବୈକୁଣ୍ଠ ବେହେରା, ସମ୍ପାଦକ ଜଗବନ୍ଧୁ ସାହୁ, କୃଷ୍ଣଚନ୍ଦ୍ର ଧୂପାଳ, ରାଧାଶ୍ୟାମ ରାଉତ, ରବିନାରାୟଣ ରାଉତ, ଖଗେଶ୍ୱର ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା

ଭଦ୍ରକ,୧୯।୧(ସନାତନ ରାଉତ)


ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

୭୬ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଶନିବାର ଭଦ୍ରକ ଜିଲା ସଂସ୍କୃତି ଭବନରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କନିଷ୍ଠ ଓ ବରିଷ୍ଠ ଦୁଇଟି ବର୍ଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ମୋଟ ୫୫ ପ୍ରତିଯୋଗୀ ଭାଗ ନେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଭଦ୍ରକାଳୀ ଲାୟନ୍ସ କ୍ଲବ ଡିଭାଇନର ସଭାପତି ପଦ୍ମନ ରାୟଙ୍କ ମିଳିତ ତତ୍ତ୍ୱାବଧାନରେ ପ୍ରତିଯୋଗିତା ପରିଚାଳନା କରାଯାଇଥିଲା। ଭଦ୍ରକ ଆର୍ଟ କଲେଜର ଅଧକ୍ଷ ମନୋଜ ଭଟ୍ଟାଚାର୍ଯ୍ୟ, ଅଧ୍ୟାପକ ଅଶ୍ୱିନୀ କୁମାର ପଣ୍ଡା, ନାରାୟଣ ଚନ୍ଦ୍ର ବେହେରା ପ୍ରମୁଖ ବିଚାରକ ଭାବେ ଚିତ୍ରାଙ୍କନର ମୂଲ୍ୟାୟନ କରିଥିଲେ। କନିଷ୍ଠ ବର୍ଗରେ ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁମନ୍ଦିରର ଜ୍ୟୋତିପ୍ରକାଶ ସେଠୀ ପ୍ରଥମ, ସେଣ୍ଟ ଜାଭିୟର ସ୍କୁଲର ଦୀକ୍ଷାସ୍ମିତା ସାମନ୍ତରାୟ ଦ୍ୱିତୀୟ, ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟର ଅର୍ଚ୍ଚିତା ପ୍ରିୟଦର୍ଶିନୀ ବେହେରା ଏବଂ ପିଏମ୍ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଅନୁଶ୍ରୀ ଦାସ ଯୁଗ୍ମ ତୃତୀୟ ହୋଇଥିଲେ। ସେହିପରି ବରିଷ୍ଠ ବର୍ଗରେ କେସି ହାଇସ୍କୁଲର ସୌରଭ ମାଝୀ ପ୍ରଥମ, ସେଣ୍ଟ ଜାଭିୟର ହାଇସ୍କୁଲର ଆଲିସା ଶତପଥୀ ଦ୍ୱିତୀୟ, ସେଣ୍ଟ ଜାଭିୟର ହାଇସ୍କୁଲର ଅନୁଶ୍ରୀ ପରିଡ଼ା ଏବଂ ଶ୍ରେୟାସ୍ୱୀକୃତି ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ। କ୍ଲବ ସମ୍ପାଦକ ଅଧ୍ୟାପକ ବୈଲୋଚନ ବେହୁରିଆ, କୋଷାଧ୍ୟକ୍ଷ ନାରାୟଣ ମିଶ୍ର, ସଦସ୍ୟ ଭାବେ ଆଇନଜୀବୀ ପର୍ଶୁରାମ ଦ୍ୱିବେଦୀ, ଖବରଦାତା ପ୍ରମୋଦ ରାୟ, ଶୁଭେନ୍ଦୁ ରାୟ ମହାପାତ୍ର, ପ୍ରଦୀପ କୁମାର ସାହୁ, ବିଭାଗୀୟ କର୍ମଚାରୀ ମିନାକ୍ଷୀ ଗରାବଡ୍ଡୁ, ରଙ୍ଗାଧର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭାଗନେଲେ ବିଦେଶୀ ପ୍ରତିଯୋଗୀ

## ଶିମିଳିପାଳ ବଞ୍ଚାଅ ବାର୍ତ୍ତା ନେଇ ହାଫ୍ ମାରାଥନ



ସଭାରେ ଉପସ୍ଥିତ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ।

ବାରିପଦା,୧୯।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ବଞ୍ଚାଅ ବାର୍ତ୍ତା ନେଇ ଜିଲାସ୍ତରୀୟ ହାଫ୍ ମାରାଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଶିମିଳିପାଳକୁ ବନାଗ୍ନିରୁ ରକ୍ଷା କରିବା, ଶିକାର ଓ ଶିକାରୀ ମୁକ୍ତ କରିବା ଏବଂ ବନ୍ୟଜନ୍ତୁ ସରକ୍ଷାକୁ ନେଇ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଏହି ମାରାଥନ ଆୟୋଜନ କରାଯାଇଥିଲା। ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ଓ ଜିଲା ପ୍ରଶାସନ ଆନୁକୂଲ୍ୟରେ ବାରିପଦାସ୍ଥିତ ଛଉ ପଡ଼ିଆରୁ ଏହି ମାରାଥନ ଆରମ୍ଭ ହୋଇଥିଲା। ଏଥିରେ ବିଦେଶୀ ପ୍ରତିଯୋଗୀ ମଧ୍ୟ ଅଂଶ ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ତଥା ସାଧାରଣ ପ୍ରଶାସନ ବିଭାଗର ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ସାରସକଣା ବିଧାୟକ ଭାଦବ ହାଁସଦା, ଜିଲାପରିଷଦ ଅଧକ୍ଷା ଭାରତୀ ହାଁସଦା, ବାରିପଦା ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତି, ଜିଲାପାଳ ହେମକାନ୍ତ ସୟ, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ଓ ଉତ୍ତର ଡିଭିଜନର ଉପ ନିର୍ଦ୍ଦେଶକ ସାଇ କିରଣ, ଅନ୍ତଃରାଷ୍ଟ୍ରୀୟ କ୍ରୀଡାବିତ୍ ପୂର୍ଣ୍ଣିମା ଚାନ୍ଦ ଓ ଜଉନା ମୁର୍ମୁ ପ୍ରମୁଖ ସବୁଜ ପତାକା ଦେଖାଇ ଏହାକୁ ଆନୁଷ୍ଠାନିକ ଭାବେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।

ତିନୋଟି ବିଭାଗରେ ମାରାଥନ ଆୟୋଜନ କରାଯାଇଥିଲା। ୨୧କି.ମି.କୁ ନେଇ ହାଫ୍ ମାରାଥନ, ୧୦କି.ମି.କୁ ନେଇ ମିନି ମାରାଥନ ଓ ସଡ଼କ ସୁରକ୍ଷା ରିଲେ ମାରାଥନ ରବିବାର ସକାଳ ୬ଟାରେ ଆରମ୍ଭ ହୋଇଥିଲା। ଏଥିରେ ପାଖାପାଖି ୧୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଦୁଇ ଜଣ ଅନ୍ତଃରାଷ୍ଟ୍ରୀୟ ମାରାଥନ ରନର ଅଂଶ ଗ୍ରହଣ କରିଥିଲେ। ଛଉ ପଡ଼ିଆରୁ ବାହାରି ବଡ଼ଦାଣ୍ଡ ଦେଇ ଶିମିଳିପାଳ ଅଭୟାରଣ୍ୟ ପିଠାବଟା ପ୍ରବେଶ ଫାଟକ ପର୍ଯ୍ୟନ୍ତ ଦୌଡିଥିଲେ। ପୋଲିସ, ଡାକ୍ତରୀ ଟିମ୍ ଏବଂ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହି ମାରାଥନ ଅନୁଷ୍ଠିତ ହୋଇଥିଲା।

ଜିଲା ପ୍ରଶାସନ ସହିତ ମହାନଦୀ କୋଲ ଫିଲ୍ଡ ଲିଃ. ବନଖଣ୍ଡ ବିଭାଗ, ଶିମିଳିପାଳ ଫାଉଣ୍ଡେଶନ, ଆଞ୍ଚଳିକ ପରିବହନ ବିଭାଗ, ପ୍ରୋ ସ୍ପୋର୍ଟ୍ସ ଅନୁଷ୍ଠାନ ସହଯୋଗ କରିଥିଲେ। ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମାରାଥନ ଆୟୋଜନ ହୋଇଥିବା ବେଳେ ଜିଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକଙ୍କ ପ୍ରଚେଷ୍ଟାରେ ଓଡ଼ିଶା ଅଲମ୍ପିକ ଆସୋସିଏନର ଅଭିଜ୍ଞ ସଦସ୍ୟ ତଥା ରାଷ୍ଟ୍ରୀୟ ଓ ଅନ୍ତଃରାଷ୍ଟ୍ରୀୟ କ୍ରୀଡ଼ାବିତମାନଙ୍କୁ ଏଥିରେ ସାମିଲ କରାଯାଇଥିଲା । ହାଫ ମାରାଥନର ପୁରୁଷ ବିଭାଗରେ ଉତ୍ତର ପ୍ରଦେଶର ଆରିଫ ଅଲ୍ଲୀ ପ୍ରଥମ ସ୍ଥାନ ଅଧିକାର କରି ୫୦ ହଜାର ଟଙ୍କାର ଚେକ୍ ପାଇଥିବା ବେଳେ ଇଥିଓପିଆର ମାରାଥନ ଦୌଡାଳି ତେବେୟେ କିଂଟୋ ଦ୍ୱିତୀୟ ସ୍ଥାନରେ ରହି ୩୦ ହଜାର ଓ ଅର୍ଜ୍ଜୁନ ଗୁଡୁ ତୃତୀୟ ସ୍ଥାନରେ ରହି ୨୫ ହଜାର ଟଙ୍କାର ଚେକ୍ ପୁରସ୍କାର ପାଇଥିଲେ। ସେହିଭଳି ମହିଳା ବର୍ଗରେ ଉତ୍ତର ପ୍ରଦେଶର କେ.ଏମ. ସନ୍ଧ୍ୟାରାଣୀ ପଲ୍ ପ୍ରଥମ ସ୍ଥାନରେ ରହି ୫୦ ହଜାର, ନିଶା ଦ୍ୱିତୀୟରେ ରହି ୩୦ ହଜାର ଓ ପଶ୍ଚିମବଙ୍ଗର ମଦିନା ପଲ ତୃତୀୟ ସ୍ଥାନରେ ରହି ୨୫ ହଜାର ଟଙ୍କାର ଚେକ୍ ଗ୍ରହଣ କରିଥିଲେ। ଉଭୟ ମହିଳା ଓ ପୁରୁଷ ବର୍ଗରେ ଶ୍ରେଷ୍ଠ ୨୦ଜଣଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯିବା ସହ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ମେଡାଲ ପ୍ରଦାନ କରାଯାଇଥିଲା। ସେହିଭଳି ମିନି ମାରାଥନ ମହିଳା ବର୍ଗରେ ସନ୍ଧ୍ୟା ମୁର୍ମୁ ପ୍ରଥମ ସ୍ଥାନରେ ରହି ୫ ହଜାର, ଦିପ୍ତିରାଣୀ ସାହୁ ଦ୍ୱିତୀୟ ସ୍ଥାନରେ ରହି ୩ ହଜାର ଓ ଇତିଶ୍ରୀ ମହାନ୍ତ ତୃତୀୟ ସ୍ଥାନ ଅଧିକାର କରି ୨ ହଜାର ଟଙ୍କା ପୁରସ୍କୃତ ହୋଇଥିବା ବେଳେ ପୁରୁଷ ବିଭାଗରେ ଯଥାକ୍ରମେ ବିଶାଲ ବର୍ମା ପ୍ରଥମ, ସୁଦର୍ଶନ ବିନ୍ଦ ଦ୍ୱିତୀୟ ଓ ସିଦ୍ଧାର୍ଥ ଗୌତମ ଜେନା ତୃତୀୟ ସ୍ଥାନ ଅଧିକାର କରି ଆର୍ଥିକ ସହାୟତା ରାଶି ଗ୍ରହଣ କରିଥିଲେ। ଏହି ବିଭାଗରେ ମଧ ଶ୍ରେଷ୍ଠ ୧୦ଜଣ ପ୍ରତିଯୋଗୀଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲା ପ୍ରଶାସନର ସମସ୍ତ ଅଧିକାରୀମାନେ ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପନ୍ନ କରିଥିଲେ ।

# ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାଙ୍ଗିରିପୋଷି,୧୯।୧(ସଞ୍ଜୟ କୁମାର ଅଗ୍ରୱାଲା)

ସମଗ୍ର ଭାରତ ବର୍ଷରେ ଜାନୁଆରୀ ୧୨ରୁ ୧୯ ତାରିଖ ଜାତୀୟ ଯୁବ ସପ୍ତାହ ପାଳନ କରାଯାଉଥିବା ବେଳେ ନେହେରୁ ଯୁବ କେନ୍ଦ୍ର ସଂଗଠନ ମୟୂରଭଞ୍ଜ, ବାରିପଦା, ଏମ୍.ଆର.ଡି.ସି ବାଙ୍ଗିରିପୋଷି ଏବଂ ମା' ମଙ୍ଗଳା କ୍ଲବ କଣ୍ଟାପାଳର ମିଳିତ ସହଯୋଗରେ କଣ୍ଟାପାଳ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ଯୁବ ସପ୍ତାହ ଜାନୁଆରୀ ପାଳନ କରାଯାଇଛି। ଏମ୍.ଆର.ଡି.ସି ବାଙ୍ଗିରିପୋଷି କୋଅର୍ଡିନେଟର ରବିନ୍ଦ୍ର ନାଥ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଚେୟାରମ୍ୟାନ ରାମରଞ୍ଜନ ନାଏକ ଯୋଗଦେଇ ସ୍ୱାମୀ ବିବେକା ନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରିଥିଲେ। ଗ୍ରାମର ମୁଖିଆ ସନିଆ ନାଏକ, ପରମେଶ୍ୱର ନାଏକ, କ୍ଲବ ସେକ୍ରେଟାରୀ ଚନ୍ଦନ ନାଏକ, କାଠିଆ ନାଏକ, ଏସଏଚଜି ଗ୍ରୁପ ତରଫରୁ ମନ୍ଦଦୋରୀ ସିଂ, ଜାମଦାପାଳ ନେହେରୁ ଯୁବକ ସଂଘ ସଭାପତି ବ୍ରାହ୍ମାନନ୍ଦ ବେହେରା, ଆଶୁଆ ଗ୍ରାମର ଯୁବ ସଂଘ ସମ୍ପାଦକ କ୍ଷୀରୋଦ ନାଏକ,ବିଶୋଇ କ୍ଲବ ପକ୍ଷରୁ ଆଡଭୋକେଟ୍ ବନମାଳୀ ଗିରି, ଗ୍ରାମର ବହୁ ମହିଳା ଏବଂ ବିଭିନ୍ନ କ୍ଲବରୁ ସଦସ୍ୟମାନେ ଭାଗ ନେଇଥିଲେ। ପରମେଶ୍ୱର ନାଏକ ଧନ୍ୟବାଦ ଦେଇଥିଲେ।

# ରାଜ୍ୟସ୍ତରୀୟ ଅଲିମ୍ପିଆଡ୍ ଟେଷ୍ଟ


ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ରମାନେ।

ମୋରଡ଼ା,୧୯।୧(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ ଅଧୀନ ଦେଉଳିସ୍ଥିତ ଓମ୍ ଶିଶୁ ଶିକ୍ଷା କେନ୍ଦ୍ରରେ ଭାରତୀୟ ଶିକ୍ଷା ପରିଷଦ, ଭୁବନେଶ୍ୱର ଦ୍ୱାରା ରାଜ୍ୟସ୍ତରୀୟ ଅଲିମ୍ପିଆଡ଼ ଟେଷ୍ଟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପରୀକ୍ଷା ମୟୂରଭଞ୍ଜ ଜିଲା ପ୍ରଥମଥର ଅନୁଷ୍ଠିତ ହେଉଥିବାରୁ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ ତଥା ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା। ଉକ୍ତ ପରୀକ୍ଷାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରିକା ପୁଥାଳ ନୀରିକ୍ଷକ ଥିବା ବେଳେ ଶିକ୍ଷୟିତ୍ରୀ ଅର୍ଚ୍ଚନା ଟିପିରିଆ, ପ୍ରଜ୍ଞା ପାରମିତା ଧୀର, ଲକ୍ଷ୍ମୀମଣୀ ଧଳ, ମାମି ବେହେରା, ବିଷ୍ଣୁପ୍ରିୟା ନାୟକ,ସୁଦେଶୀ ଥୟାଳ ପ୍ରମୁଖ ସହଯୋଗ କରିଥିଲେ। ବାରିପଦାର ଶ୍ରୀଶ୍ରୀ ହରି ବଳଦେବଜୀଉ ଶିଶୁ ମନ୍ଦିରର ଗୁରୁଜୀ ବିମଳକୁମାର ମହାପାତ୍ର ଓ ଦେବବ୍ରତ ପାତ୍ର ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିଲେ। ଏହି ବିଦ୍ୟାଳୟର ୩ୟ ଶ୍ରେଣୀଠାରୁ ୮ ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୯୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଓମ୍ ଶିଶୁ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ମନୋଜ କୁମାର ବେହେରା ପରୀକ୍ଷା ସୁପରିଚାଳନା ପାଇଁ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ କୃତଜ୍ଞତାଜ୍ଞାପନ କରିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଠାକୁରମୁଣ୍ଡା,୧୯।୧(ତାରାକାନ୍ତ ପଟ୍ଟନାୟକ): ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର ଖେଜୁରୀପଦା ନିକଟରେ ରବିବାର ଅପରାହ୍ଣରେ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ୫୩ନଂ. ରାଜ୍ୟ ରାଜପଥର ଖଜୁରୀପଦା ନିକଟରେ ଅପରାହ୍ଣ ୪ଟା୩୦ମି.ସମୟରେ ଏକ ବାଇକ୍ ଯୋଗେ ୨ଜଣ କେନ୍ଦୁମୁଣ୍ଡି ସାପ୍ତାହିକ ହାଟରୁ ଠାକୁରମୁଣ୍ଡା ଆଡକୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାକଡ଼ ସୁରକ୍ଷା ବାଡ଼ରେ ପିଟି ହୋଇ ଯାଇଥିଲେ। ଫଳରେ ଘଟଣାସ୍ଥଳରେ ଠାକୁରମୁଣ୍ଡା ବ୍ଲକ ସାଲେଇବେଡା ପଞ୍ଚାୟତ ଅନ୍ତର୍ଗତ ଖପରଖାଇ ଗ୍ରାମର ହରିଶ୍ଚନ୍ଦ୍ର ମହାନ୍ତଙ୍କ ପୁଅ ଜ୍ୟୋତି ରଞ୍ଜନ (୩୦)ଙ୍କ ମୃତ୍ୟୁ ଘଟିଥିବା ବେଳେ ମହିରାମ ମହାନ୍ତଙ୍କ ପୁଅ ବିଷ୍ଣୁ ଚରଣ ଗୁରୁତର ହୋଇଥିଲେ। ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# 'ବିଦ୍ୟାଳୟ ବୌଦ୍ଧିକ ଶିକ୍ଷା ବିକାଶର କର୍ମଶାଳା'


ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ଝାରପୋଖରୀଆ,୧୯।୧(ସୁଧିର କୁମାର ମହାନ୍ତ)

### ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ 'ଇନ୍ଦ୍ରଧନୁ'

ସାରସକଣା ବ୍ଲକ ଅନ୍ତର୍ଗତ (ବମ୍ଭେଛକ) ଝାରପୋଖରୀଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଷୋଡ଼ଶ ବାର୍ଷିକୋତ୍ସବ 'ଇନ୍ଦ୍ରଧନୁ' ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ପଦ୍ମଲୋଚନ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାରସକଣା ବିଧାୟକ ଭାଦବ ହାଁସଦା, ମୁଖ୍ୟ ବ୍ୟକ୍ତାଭାବେ ବାଙ୍ଗିରିପୋଷି ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ପୁଷ୍ପାରାଣୀ ପାତ୍ର, ସମ୍ମାନୀୟ ଅତିଥି ଭାବେ ବାଙ୍ଗିରିପୋଷି ସଙ୍କୁଳ ପ୍ରମୁଖ ବଙ୍କିମ ଚନ୍ଦ୍ର ମହାପାତ୍ର, ପରିଚାଳନା ସମିତିର ସଭାପତି ସ୍ୱରୂପ ମିଶ୍ର, ସମ୍ପାଦକ କ୍ରିଷ୍ଣା କେଶବ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଗୁରୁଜୀ ହରେନ କୁମାର ମହାନ୍ତ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ସବିତା ନାଏକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ବୌଦ୍ଧିକ ଶିକ୍ଷା ବିକାଶର କର୍ମଶାଳା ବୋଲି ମୁଖ୍ୟବ୍ୟକ୍ତା ଡ.ପାତ୍ର ତାଙ୍କ ଅଭିଭାଷଣରେ ମତ ପ୍ରକାଶ କରିଥିଲେ। ବିଭିନ୍ନ ଶିକ୍ଷାଗତ, ସାଂସ୍କୃତିକ, କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଟ୍ରଫି ପ୍ରଦାନ ସହ ସମ୍ମାନୀତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ କଲେ ମନ୍ତ୍ରୀ

ଉଦଳା,୧୯।୧(ସନ୍ତୋଷ କୁମାର ବାଛିନୀ): ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ରବିବାର ଉଦଳା ଗସ୍ତରେ ଆସି ଜଗନ୍ନାଥ ପଡ଼ିଆଠାରେ ଆୟୋଜିତ ବିର୍ସାବୀର ଆଥଲେଟିକ ଆସୋସିଏସନ ପକ୍ଷରୁ ଆୟୋଜିତ ମାରାଥନରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଣ୍ଟନ କରିବା ସହିତ ଫୁଟବଲ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହା ସହିତ ମନ୍ତ୍ରୀ ନିଜେ ଫୁଟବଲ ଖେଳିଥିଲେ। ପରେ ଉଦଳା ଖଣ୍ଡିହୁଡ଼ି ମା ତାରିଣୀଙ୍କ ପୀଠରେ ପହଞ୍ଚି ମା' ଙ୍କୁ ପୂଜାର୍ଚ୍ଚନା କରିଥିଲେ। ମନ୍ତ୍ରୀଙ୍କ ସହିତ ଉଦଳା ବିଧାୟକ ଭାସ୍କର ମଢ଼େଇ, ଏନ୍‌ଏସି ଚେୟାରମ୍ୟାନ ପ୍ରମିଳା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ହାତୀପଲ ନଷ୍ଟ କଲେ ଫସଲ

ବୈଶିଙ୍ଗା,୧୯।୧(ରତନ ଦାଶ): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ କ୍ଷିରିପଦା ଓ ଏହାର ଆଖପାଖ ଗାଁରେ ହାତୀପଲ ପଶି ବ୍ୟାପକ ପନିପରିବା ଚାଷ ନଷ୍ଟ କରିଛନ୍ତି। ଗତ ପ୍ରାୟ ଏକ ସପ୍ତାହ ହେବ ନିକଟସ୍ଥ ଘଞ୍ଚ ଜଙ୍ଗଲରେ ଡେରା ପକାଇଥିବା ହାତୀପଲ ସବୁଦିନ ସନ୍ଧ୍ୟାରେ ବାହାରି ନିକଟସ୍ଥ କ୍ଷିରିପଦା, ହାତୀପଡୁକା,ଭୁଡୁରୁବଣୀ,ଦଲଦଲି, ତୁଆପଦା,ମହୁଲିଆ,ଶ୍ରୀବସ୍ତପୁର ଆଦି ଗ୍ରାମରେ ପଶି ବ୍ୟାପକ ପନିପରିବା ଚାଷ ଦଳି ଚକଟି ନଷ୍ଟ କରୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

# ମୁଣ୍ଡାରୀ ବାନି ମେଧାବୃତ୍ତି ପରୀକ୍ଷା

ବାରିପଦା,୧୯।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ରଙ୍ଗାମାଟିଆସ୍ଥିତ ବନଭୂମି କଲେଜ ପରିସରରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ତତ୍ତ୍ୱାବଧାନରେ ମୁଣ୍ଡାରୀ ବାନି ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏହା ମୁଣ୍ଡାରୀ ଭାଷାର ଏକ ପ୍ରତିଯୋଗିତାମୂଳକ ପରୀକ୍ଷା ଅଟେ। ଏହି ପରୀକ୍ଷାରେ କୃତକାର୍ଯ୍ୟ ହେଉଥିବା ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ଅର୍ଥରାଶି ପ୍ରଦାନ କରାଯାଏ। ପ୍ରଥମ ସ୍ଥାନ ଅଧିକାର କରୁଥିବା ପ୍ରାର୍ଥୀଙ୍କୁ ମାସିକ ୬୦୦ ଟଙ୍କା, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରାର୍ଥୀଙ୍କୁ ମାସିକ ୪୫୦ ଟଙ୍କା ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରାର୍ଥୀଙ୍କୁ ମାସିକ ୩୦୦ ଟଙ୍କା ଲେଖାଏ ଏକ ବର୍ଷ ପାଇଁ ପ୍ରଦାନ କରାଯାଇଥାଏ। ଚଳିତବର୍ଷ ଉକ୍ତ ପରୀକ୍ଷା ପାଇଁ ୭୧ ଜଣ ଆବେଦନ କରିଥିଲେ। ସେଥିମଧ୍ୟରୁ ୬୨ ଜଣ ପରୀକ୍ଷା ଦେଇଥିଲେ। ମୁଣ୍ଡାରୀ ଶିକ୍ଷା ପରିଷଦର ସମ୍ପାଦକ ବୁଧିଆ ସିଂ ଏହି ପରୀକ୍ଷା ପରିଚାଳନା କରିଥିଲେ। ଏହାର ଫଳାଫଳ ଆସନ୍ତା ଫେବୃଆରୀ ୫ ତାରିଖ ଅଲ ଗୁରୁ ପଣ୍ଡିତ ରୋହିଦାସ ସିଂ ନାଗଙ୍କ ଜନ୍ମ ଜୟନ୍ତୀ ପାଳନ ସମାରୋହରେ ଘୋଷଣା କରାଯାଇ କୃତୀ ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ପ୍ରଥମ ମାସର ଅର୍ଥରାଶି ସହିତ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯିବ। ପରୀକ୍ଷା ପରେ ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ ଏବଂ ମୁଣ୍ଡାରୀ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ଆବାହକ ବିରବଲ ସିଂ, ସାଧାରଣ ସମ୍ପାଦକ ଇଂ. ସୁନାରାମ ସିଂ, ପର୍ଯ୍ୟବେକ୍ଷକ ରାମେଶ୍ୱର ସିଂ, ଗୋପବନ୍ଧୁ ନଗର ବ୍ଲକ ଆବାହକ ଅନନ୍ତ ପ୍ରସାଦ ସିଂ, ଖୁଣ୍ଟା ବ୍ଲକ ଆବାହକ ରାଙ୍ଗା ସିଂ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

# ମିନିବସ୍ ଓଲଟି ୧୨ ଆହତ

ବଡ଼ବିଲ,୧୯।୧(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲରେ ରବିବାର ଅପରାହ୍ଣ ପ୍ରାୟ ୪ଟା ବେଳେ ୫୨୦ନଂ. ଜାତୀୟ ରାଜପଥର ବାରବାଙ୍କଠାରେ ଏକ ଘରୋଇ କମ୍ପାନୀର ମିନି ବସ୍ ଓଲଟି ୧୨ ଜଣ ଆହତ ହୋଇଛନ୍ତି। ଉକ୍ତ କମ୍ପାନୀର କର୍ମଚାରୀଙ୍କୁ ନେଇ ଯାଉଥିଲା ବେଳେ ହଠାତ କୌଣସି କାରଣରୁ ବସ୍‌ଟି ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବଡ଼ବିଲ ଗୋଷ୍ଠୀ କେନ୍ଦ୍ରକୁ ପଠାଇଥିଲେ। ୪ ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।



# ହୁତୁହୁତୁ ହୋଇ ଜଳିଗଲା ଧାନକଟା ମେଶିନ



ଛେନାପଦି, ୧୯।୧(ନିରାକାର ପରିଡା)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଧୀନ ସରମଙ୍ଗା ଗାଁ ନିକଟ ଅକ୍ଷୟ ସ୍ୱାଇଁଙ୍କ ଚାଷଜମିରେ ଅପରାହ୍ଣ ୩ଟା ବେଳେ ଧାନ କାଟିବା ବେଳେ ହୁତ ହୁତ ହୋଇ ଜଳିଯାଇଛି। ଧାନ କାଟିବା ବେଳେ ଅକସ୍ମାତ ସମ୍ମୁଖ ଭାଗରୁ ନିଆଁ ଲାଗିଯାଇଥିଲା। ଚାଳକ ଜଣକ କିଛି ଦୂରକୁ ଆଣିବା ପରେ ମେଶିନରୁ ତଳକୁ ଡେଇଁ ପଡି ଓହ୍ଲାଇ ଆସିଥିଲେ। ଖବରପାଇ ହାଟଡିହୀ ଅଗ୍ନିଶମ ବାହିନୀର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଏଥିରେ ଅକ୍ଷୟ ସ୍ୱାଇଁଙ୍କ କିଛି ଧାନ ଫସଲ ମଧ୍ୟ ନଷ୍ଟ ହୋଇଥିବା ଜଣାଯାଇଛି।

# ଏପ୍ରିଲ ୧୪ରୁ ବଳାଙ୍ଗୀ ମହୋତ୍ସବ

ବାରିପଦା,୧୯।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ପ୍ରସ୍ତୁତି ବୈଠକରେ ଉପସ୍ଥିତ ମହୋତ୍ସବ କମିଟିର କାର୍ଯ୍ୟକର୍ତ୍ତାମାନେ।

ମୟୂରଭଞ୍ଜ ଜିଲାରେ ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି, ପର୍ଯ୍ୟଟନର ସୁରକ୍ଷା ଏବଂ ବିକାଶ ନିମନ୍ତେ ବଳାଙ୍ଗୀ ମହୋତ୍ସବର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବ ଆସନ୍ତା ଏପ୍ରିଲ ୧୪ରୁ ଆରମ୍ଭ ହୋଇ ୫ ଦିନ ଧରି ଚାଲିବ। ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ଭଳି ଜିଲାରେ ଭାଇଚାରାର ପରମ୍ପରାକୁ ମଜଭୁତ କରିବା ପାଇଁ ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥର ଜିଲା ପରିକ୍ରମା କାର୍ଯ୍ୟକ୍ରମ ମାର୍ଚ୍ଚ ୭ରୁ ୯ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଅନୁଷ୍ଠିତ ହେବ। ୨୦୦୩ରୁ ବାରିପଦାର ବାବା ବୁଢ଼ା ରାଉଳ ମଠ ନିକଟ ବୁଢ଼ାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠରେ ବଳାଙ୍ଗୀ ମହୋତ୍ସବ ପାଳିତ ହୋଇଆସୁଛି। ଏହି ପରିପ୍ରେକ୍ଷୀରେ ପ୍ରତିଭା ଚୟନ ପାଇଁ ଅନୁଷ୍ଠିତ ହେଉଥିବା ବଳାଙ୍ଗୀ ଟ୍ୟାଲେଣ୍ଟ ହଣ୍ଟ ମେଗା ଅଡିସନ କାର୍ଯ୍ୟକ୍ରମ ମାର୍ଚ୍ଚ ୩୦ ତାରିଖରେ ଅନୁଷ୍ଠିତ ହେବ। ଏହି ଅବସରରେ ମହୋତ୍ସବ କମିଟି ପକ୍ଷରୁ ମହୁଲିଆ ପ୍ରେମ ବାଟିକା ମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଭାପତି ପୂର୍ବତନ ବିଧାୟକ ରାଜକିଶୋର ଦାସ, ମେଳା କମିଟିର ଅଧ୍ୟକ୍ଷ ଆଇନଜୀବୀ ଅରବିନ୍ଦ ଦାସ, ଉପାଧ୍ୟକ୍ଷ ରାଜୀବ ଲୋଚନ ସେନାପତି, ଉପସଭାପତି ରଜତ କୁମାର ପଣ୍ଡା, ପଣ୍ଡିତ ଭାଗବତ ପଣ୍ଡା, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, କୋଷାଧ୍ୟକ୍ଷ ଆଇନଜୀବୀ ଲିଙ୍ଗରାଜ ମିଶ୍ର, ଖବରଦାତା ସୁକାନ୍ତ କୁମାର ଜୀଉ, ଯୁବ ପ୍ରତିଭା ରାକେଶ ସିଂ, ଯୋଗେଶ ଅଗ୍ରୱାଲା, ପ୍ରାଧ୍ୟାପକ ସୁନୀଲ ଜେନା, ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମାରେଶ ନାୟକ, ନିରୋଜ କୁମାର ପୋଥାଳ ପ୍ରମୁଖ ଯୋଗଦେଇ ଚଳିତ ବର୍ଷ ବଳାଙ୍ଗୀ ମହୋତ୍ସବ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

ସେହିପରି ବେତନଟୀ ଅଞ୍ଚଳର ପଦ୍ମମାଳି ମହିଳା ସଂଗଠନର ପ୍ରଭାତୀ ମହାନ୍ତି, ଝାରପୋଖରିଆର କ୍ଷୀରୋଦ ଚନ୍ଦ୍ର ଦାସ, କପ୍ତିପଦାର ଇନ୍ଦୁମତି ମହାନ୍ତି, ଦେଉଳିର ଗୋପାଳ ଚନ୍ଦ୍ର ଦାସ, ଚିତ୍ରଡ଼ାର ଅଜୟ କୁମାର ପାଳ, ପାର୍ଡୁଳିପୁରାର ରମାକାନ୍ତ ମହାନ୍ତ, ଗଣ ମାଧ୍ୟମ ପ୍ରତିନିଧି ଦୋଳ ଗୋବିନ୍ଦ ବାରିକ, ରଞ୍ଜନ କୁମାର ଦାଶ ପ୍ରମୁଖ ଆଗାମୀ କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। କୃତି ଶିକ୍ଷକ ଡ. ଶଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଜିଲାର ବିଭିନ୍ନ ପ୍ରାନ୍ତରୁ ମହୋତ୍ସବ କମିଟିର ସଦସ୍ୟା ସଦସ୍ୟମାନେ ବୈଠକରେ ଯୋଗଦେଇଥିଲେ। ସଦସ୍ୟ ପୀତାମ୍ବର ମଲ୍ଲିକ, ଉଦୟ ନାଥ ଜେନା, ରମାକାନ୍ତ ରାଉତ, ଦିଲ୍ଲୀପ କୁମାର ପାତ୍ର, ମିଥୁନ ବାରିକ, ସନାତନ ସିଂ, କୁନୁ ସିଂ, ଅଭିନବ ନନ୍ଦ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ସରିଲା ବଡ଼ବିଲ ମହୋତ୍ସବ


ଅନ୍ତିମ ଦିବସରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ବଡବିଲ,୧୯।୧(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡବିଲରେ ଗତ ବୁଧବାରଠାରୁ ଆରମ୍ଭ ହୋଇଥିବା ୨୫ତମ ବଡ଼ବିଲ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ମୁମ୍ବାଇର ସନ୍ମୁଖପ୍ରିୟାଙ୍କ ସଂଗୀତ ଦର୍ଶକଙ୍କ ମନ ମୋହିବାରେ ସକ୍ଷମ ହୋଇଥିଲା।

ସୂଚନା ଅନୁଯାୟୀ, ମହୋତ୍ସବରେ ଚାଷୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ପନିପରିବା ପ୍ରଦର୍ଶନୀ, ବାଉଁଶ ତିଆରି ବିଭିନ୍ନ ସାମଗ୍ରୀ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ମାଣ୍ଡିଆ, ବିରି ବଡି ଆଦି ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଅନ୍ତିମ ଦିବସରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଂଗୀତ, ଶିଶୁମାନଙ୍କ ମଧ୍ୟରେ ବେବି ସୋ, ବିଭିନ୍ନ ପ୍ରଜାତିର କୁକୁରଙ୍କୁ ନେଇ କୁକୁର ସୋ, ରଙ୍ଗୋଲି ପ୍ରତିଯୋଗିତା, ସାଲାଡ ଡେକୋରେଶନ, ଟଗ ଅଫ୍ ୱାର,କଟ ଫ୍ଲାୱାର ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଭାଙ୍ଗଡା ନୃତ୍ୟ, ଗୋଟିପୁଅ ନୃତ୍ୟ, ତ୍ରିବେଣୀ କଲଚରାଲ ସେଣ୍ଟର, ସାଇ କଳା କେନ୍ଦ୍ର, ଆବସୋଲ୍ୟୁଟ ଡ୍ୟାନ୍ସ ଗ୍ରୁପ, ସିଦ୍ଧି ବିନାୟକ ଡ୍ୟାନ୍ସ ଗ୍ରୁପ. ଡିଏସଏସ ଡ୍ୟାନ୍ସ ଗ୍ରୁପ ଦ୍ୱାରା ନୃତ୍ୟ ବେଶ୍ ଆକର୍ଷଣୀୟ ହୋଇଥିଲା। ଶେଷରେ ଅର୍ଥବ ବକ୍ସି ଓ ସନ୍ମୁଖପ୍ରିୟା ସଂଗୀତ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ।

## ମୋଟର ଚୋରି ଘଟଣାରେ ୩ ଗିରଫ

ସୋର,(ଜନ୍ମେଜୟ ମିଶ୍ର): ସୋର ମ୍ୟୁନିସିପାଲିଟି ଅଧୀନ କମରପୁର ଗ୍ରାମର ଜଣଙ୍କ ଘରୁ ମୋଟର ଚୋରି ଘଟଣାରେ ୩ଜଣଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଛି। ପରେଶ କୁମାର ସାହୁଙ୍କ ଘରେ ଲାଗିଥିବା ମୋଟର ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା(ନଂ. ୪୫/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗିରଫ ୩ ଜଣ ହେଲେ କମରପୁର ଗ୍ରାମର ରଞ୍ଜିତ ନାୟକ, ସହଯୋଗୀ ଅଡା ଗ୍ରାମର ଦାମ ପ୍ରଧାନ ଓ ନୀଳଗିରି ଧନିପାଢ଼ି ଗ୍ରାମର ରବି ବାଧୁକ।

**ବାଲେଶ୍ୱର**

# ନୀଳଗିରିରେ ବିରଳ ପକ୍ଷୀ ସାଭାନ୍ନା ନାଇଜର



ସାଭାନ୍ନା ନାଇଜର ପକ୍ଷୀ।

**ନୀଳଗିରି, ୧୯।୧(ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରି ଉପଖଣ୍ଡ କୁଲଡ଼ିହା ଅଭୟାରଣ୍ୟରେ ବିରଳ ସାଭାନ୍ନା ନାଇଜର(ଭୂଇଁ ଚଢ଼େଇ) ନାମକ ଏକ ପକ୍ଷୀ ଦେଖିବାକୁ ମିଳିଛି। ଏହି ପକ୍ଷୀଟି ମୁଖ୍ୟତଃ ଭାରତ, ଶ୍ରୀଲଙ୍କାଠାରୁ ଆରମ୍ଭ କରି ଇଣ୍ଡୋନେସିଆ, ଫିଲିପାଇନ୍ସ ସମେତ ଦକ୍ଷିଣ ଏବଂ ଦକ୍ଷିଣ ପୂର୍ବ ଏସିଆରେ ଦେଖିବାକୁ ମିଳିଥାନ୍ତି। ନୀଳଗିରିର ଟୁରିଷ୍ଟ ଗାଇଡ୍ ତଥା ପକ୍ଷୀ ଗବେଷକ ମନୋରଞ୍ଜନ ଦାସ ଶନିବାର ଏହି ବିରଳ ତଥା ପ୍ରଥମ ଥର ପାଇଁ କୁଲଡ଼ିହା ଅଭୟାରଣ୍ୟର ପଞ୍ଚଲିଙ୍ଗେଶ୍ୱର ପାହାଡ଼ରେ ଭୂଇଁ ଚଢ଼େଇ (ସାଭାନ୍ନା ନାଇଜର) ପକ୍ଷୀକୁ ବସିଥିବା ନିଜ କ୍ୟାମେରାରେ କଏଦ ହୋଇଛି। ଏହା ଏକ ନିଶାଚର ପକ୍ଷୀ ଅଟେ।

ଉକ୍ତ ପକ୍ଷୀ ଜଙ୍ଗଲର ଖୋଲା ପ୍ରାକୃତିକ ପରିବେଶରେ ରହିବାକୁ ପସନ୍ଦ କରନ୍ତି। ଉକ୍ତ ବିରଳ ପ୍ରଜାତିର ପକ୍ଷୀ କୁଲଡ଼ିହା ଅଭୟାରଣ୍ୟ ବିବିଧତାକୁ ବଢ଼ାଇଛି ବୋଲି ଦାସ ପ୍ରକାଶ କରିଛନ୍ତି। ଏହି ପକ୍ଷୀ ଦିନସାରା ବାହାରକୁ ନ ବାହାରି ପଥର ସହିତ ପଥର ପାଲଟି, ପତ୍ର ସହିତ ପତ୍ର ହୋଇ ରହିବା ସହ ଏହାର ରଙ୍ଗ ମାଟିଆ ହୋଇଥିବାରୁ ସହଜରେ ନିଜକୁ ଲୁଚେଇ ରଖିଥାଏ। ରାତି ହେଲେ ନିଶାଚର ଭାବେ ବୁଲେ। ଝିଣ୍ଟିକା, ପୋକ ଆଦି ଖାଦ୍ୟ ରୂପେ ଆହାର କରିଥାଏ।

# ଅଭଣା ବେଳାଭୂମି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପିତ



**ବାହାନଗା, ୧୯।୧(ଅରୂପ୍ କୁମାର ଦାସ)**

ବାହାନଗା ବ୍ଲକ ଅଭଣା ବେଳାଭୂମି ମହାବିଦ୍ୟାଳୟର ୪୭ତମ ବାର୍ଷିକ ଉତ୍ସବ ଶୁକ୍ରବାର ଉଦଯାପିତ ହୋଇଯାଇଛି। ଏନେଇ ସାଧାରଣ ସଭା ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷ ପ୍ରାଧିପକ ଅଜୟ କୁମାର ପାଢୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସୋର ବିଧାୟକ ମାଧବ ଧଡ଼ା ଯୋଗଦେଇ ସହଯୋଗର ହାତ ବଢାଇବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ୨୦ ନମ୍ବର ଜୋନର ଜିଲାପରିଷଦ ସଭ୍ୟ ଶିଶିର କୁମାର ଅଗସ୍ତି ଯୋଗଦେଇ ମହାବିଦ୍ୟାଳୟର ବିଭିନ୍ନ କ୍ଷେତ୍ରର ଉନ୍ନତିକୁ ପ୍ରଶଂସା କରିଥିଲେ। ମହାବିଦ୍ୟାଳୟର ବରିଷ୍ଠ ପ୍ରାଧାପକ ଡ. ଅନନ୍ତ ଚରଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଧୀରେଶ କୁମାର ପରିଡା ମଞ୍ଚ ସଂଯୋଜନା କରିଥିଲେ। ଡ. ପ୍ରଶାନ୍ତ କୁମାର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଯୁକ୍ତ ୩ରେ ପ୍ରଶାନ୍ତ ମଲ୍ଲିକ, ମଧୁସ୍ମିତା ପ୍ରଧାନ, ଯୁକ୍ତ ୨ରେ ନିରାକାର ମଲ୍ଲିକ ଓ ସୁଷମା ଖିଲାର ଉଭୟ କ୍ରୀଡ଼ାରେ ଚାମ୍ପିୟନ ହୋଇଥିଲେ। ଯୁକ୍ତ ୩ରେ ତ୍ରିସା ପଣ୍ଡା ଓ ଯୁକ୍ତ ୨ରେ ଗାୟତ୍ରୀ ପଲାଇ ଚାମ୍ପିୟନ ହୋଇ ଉଭୟ ପୁରସ୍କାର ନେଇଥିଲେ। ଅଧାପିକା ଜସ୍ମିନୀ ରାଉତ ଧନ୍ୟବାଦ ଦେଇଥିଲେ।

## ରନ୍ଧନ ଗ୍ୟାସ ଲିକ୍ ହୋଇ ଅଗ୍ନିକାଣ୍ଡ ମିଠା ଦୋକାନ ମାଲିକଙ୍କ ସମେତ ୩ ଗୁରୁତର

ନୀଳଗିରି, ୧୯।୧(ପ୍ରଶାନ୍ତ ବିଶ୍ୱାଳ)– ବାଲେଶ୍ୱର ଜିଲା ନୀଳଗିରି ବଜାରରେ ଗଜାନନ ସୁଇଟ୍ସରେ ରବିବାର ମଧାହ୍ନ ପ୍ରାୟ ୧୨ଟା ବେଳେ ମିଠା ତିଆରି ଚାଲିଥିବା ବେଳେ ରନ୍ଧନ ଗ୍ୟାସ୍ ପାଇପ୍‌ରୁ ଗ୍ୟାସ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟି ହୁତୁହୁତୁ ହୋଇ ଜଳିଥିଲା। ଦୁର୍ଘଟଣାରେ ମାଲିକ ଯଦୁନାଥ ସାହୁଙ୍କ ସହିତ ଅନ୍ୟ ୨ ଜଣ ମିସ୍ତ୍ରୀ ନୀଳଗିରି ରାଧାକିଶୋରପୁର ପଞ୍ଚାୟତ ପୁନ୍ଦାଳ ଗାଁର ନରେଶ ସିଂହ, ରାଜେଶ ସିଂହ ଦୁର୍ଘଟଣାରେ ଶିକାର ହୋଇଛନ୍ତି। ମାଲିକଙ୍କ ସହିତ ୨ ମିସ୍ତ୍ରୀଙ୍କର ୩୦ପ୍ରତିଶତରୁ ଉର୍ଦ୍ଧ୍ୱ ଦେହର ଚମଡ଼ା ପୋଡ଼ିଯାଇଛି। ଅନ୍ୟ କର୍ମଚାରୀମାନେ ବାହାରକୁ ଦୌଡି ପଳାଇଆସିଥିଲେ।

କର୍ମଚାରୀଙ୍କୁ ବଞ୍ଚାଇବା ଓ ନିଆଁ ଲିଭାଇବାକୁ ଯାଇ ମାଲିକ ଯଦୁନାଥ ସାହୁ ଅଗ୍ନିକାଣ୍ଡର ଶିକାର ହୋଇଥିଲେ। ସ୍ଥାନୀୟ ଦୋକାନୀମାନେ ସଙ୍ଗେ ସଙ୍ଗେ ଉଦ୍ଧାର କରି ନୀଳଗିରି ମେଡିକାଲରେ ଭର୍ତ୍ତି କରାଇ ଚିକିତ୍ସା କରାଯାଉଛି। ତେବେ ସେମାନେ ବିପଦମୁକ୍ତ ଥିବା ଜଣାପଡ଼ିଛି। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ୪୦ମିନିଟ୍ ଧରି କସରତ କରିବା ପରେ ନିଆଁକୁ ଆୟତ୍ତ କରିଥିଲେ। ଅପରପକ୍ଷରେ ନୀଳଗିରି ଥାନା ଅଧିକାରୀ ଗୋପାଳ କର୍ଣ୍ଣ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିକାଣ୍ଡର ପ୍ରକୃତ କାରଣ କ'ଣ ସେ ନେଇ ତଦନ୍ତ କରୁଥିବା ଜଣାପଡ଼ିଛି।

# ଖଇରାରେ ବୈଦିକ ଶୋଭାଯାତ୍ରା, ବ୍ରାହ୍ମଣ ମହାସଭା

**ଖଇରା, ୧୯।୧(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ଆଞ୍ଚଳିକ ବ୍ରାହ୍ମଣ ସମିତିର ୧୫ତମ ବାର୍ଷିକୋତ୍ସବ ପାଳନ ଅବସରରେ ବୈଦିକ ଶୋଭାଯାତ୍ରା ଓ ବ୍ରାହ୍ମଣ ମହାସଭା ବଣପାରିଆ ଶାସନରେ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ରବିବାର ସକାଳେ ଧ୍ୱଜା ଉତ୍ତୋଳନ ପରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ବ୍ରାହ୍ମଣମାନଙ୍କର ଏକ ବୈଦିକ ସଂସ୍କୃତି ଚେତନା ଶୋଭାଯାତ୍ରା ଖଇରା ବଜାର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲା। ସଭାପତି ଜଳଧର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବ୍ରାହ୍ମଣ ମହାସଭାରେ ଜିଲା ସଂଘର ସଭାପତି ଶ୍ରୀଶ ଦାଶ ମୁଖ୍ୟଅତିଥି, ରାଜ୍ୟ ସଂଘର ସଭାପତି ସଦାନନ୍ଦ ଦୀକ୍ଷିତ, ବିଶିଷ୍ଟ ପାଲାଗାୟକ ହରିହର ପାଣିଗ୍ରାହୀ, ଔପଦା ସଂଘର ସଭାପତି ହରିହର ଦାଶ ଓ ନୀଳଗିରି ସଂଘର ଉପଦେଷ୍ଟା ଦୟାନିଧି ମହାପାତ୍ର ପ୍ରମୁଖ ସମ୍ମାନନୀୟ ବକ୍ତା ଭାବେ ଯୋଗ ଦେଇ ବ୍ରାହ୍ମଣମାନଙ୍କ ଉତ୍‌ଥାନ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ଜୋନର ମୁଖ୍ୟ କୃଷ୍ଣଚନ୍ଦ୍ର ଦାଶ, ରାମଚନ୍ଦ୍ର ପଣ୍ଡା, ଧନେଶ୍ୱର ପଣ୍ଡା, ମୁକ୍ତିକାନ୍ତ ଶତପଥି, ବାସୁଦେବ ସାହୁ, ରାମଚନ୍ଦ୍ର ଦାଶ ପ୍ରମୁଖ ନିଜ ଜୋନର ସମସ୍ୟା ଉପରେ ଆଲୋକପାତ କରିଥିଲେ। ପଣ୍ଡିତ ଗୌରଚନ୍ଦ୍ର ପାଠୀଙ୍କୁ ବରିଷ୍ଠ ଆଚାର୍ଯ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ବୁଦ୍ଧିରାମ ପାଣିଗ୍ରାହୀ ଓ ସଭ୍ୟ ସଙ୍କୀର୍ତ୍ତନ ପଣ୍ଡା ସହଯୋଗ କରିଥିଲେ।



ପଣ୍ଡିତ ଗୌରଚନ୍ଦ୍ର ପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଜାଲ୍ ଜାତି ପ୍ରମାଣପତ୍ର ଦେଇ ଶିକ୍ଷୟିତ୍ରୀ ଚାକିରି

### ଜିଲାପାଳଙ୍କଠାରେ ଅଭିଯୋଗ

ଜଳେଶ୍ୱର, ୧୯।୧(ନବୀନ ସାହୁ)– ଜଳେଶ୍ୱର ବ୍ଲକ ମହମ୍ମଦ ନଗର ପାଟଣା ପଞ୍ଚାୟତର ଜଣେ ମହିଳା ନକଲି ଜାତି ପ୍ରମାଣପତ୍ର ଦେଇ ଭୋଗରାଇ ବ୍ଲକର କାଉବଣୀ ପ୍ରାଥମିକ ବିଦ୍ୟାଳୟରେ କନିଷ୍ଠ ଶିକ୍ଷୟିତ୍ରୀ ରୂପେ ଦୀର୍ଘ ୬ ବର୍ଷ ହେଲା କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ରଞ୍ଜନ କୁମାର ମାଝି ସୂଚନା ଅଧିକାର ଆଇନ ବଳରେ ଜାଣିବା ପରେ ଅଭିଯୋଗ କରିଛନ୍ତି। ସେ ତାଙ୍କ ଜାତିରେ ମୂଳ ପଟ୍ଟା କେସୁରୀୟା ସାଧାରଣ ଜାତି ହୋଇଥିବା ବେଳେ ଅନ୍ୟ ସମ୍ପର୍କୀୟଙ୍କୁ ନିଜର ଜେଜେବାପା ଦର୍ଶାଇ ନକଲି ଅନୁସୂଚିତ ଜାତି ପ୍ରମାଣପତ୍ର ପାଇ ଶିକ୍ଷୟିତ୍ରୀ ଚାକିରୀ ହାତେଇଛନ୍ତି। ଜଳେଶ୍ୱର ବ୍ଲକ ପରିସରରେ ଗତ ଡିସେମ୍ବର ୯ ତାରିଖରେ ଜିଲାପାଳଙ୍କ ଜନ ଯୁଗଶୁଣାଣି ହେଉଥିବା ବେଳେ ମାଝି ଅଭିଯୋଗ କରିଥିଲେ। ବାଲେଶ୍ୱର ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ଆସିଷ୍ଟାଣ୍ଟ ହରିନାରାୟଣ ଦାସ ଡିସେମ୍ବର ୧୮ତାରିଖରେ ଜଳେଶ୍ୱର ତହସିଲ୍ କାର୍ଯ୍ୟାଳୟରେ ଆସି ତଦନ୍ତ କରିଥିଲେ। ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଜିଲାପାଳ କାର୍ଯ୍ୟାଳୟରେ ରିପୋର୍ଟ ପ୍ରଦାନ କରିଥିବା କହିଛନ୍ତି।

# ସାଧନା ଜାରି ରଖିଲେ ସ୍ୱପ୍ନ ସଫଳ ହୁଏ

**ଭୋଗରାଇ, ୧୯।୧( ପ୍ରଦୀପ ଦାସ)**

ଛାତ୍ରୀଛାତ୍ର ଆମଦେଶର ପ୍ରଚଣ୍ଡ ଶକ୍ତି। ଏହି ପ୍ରଚଣ୍ଡ ଶକ୍ତିକୁ ଠିକ୍ ମାର୍ଗରେ ଗଢି ତୋଳିବା ନିମନ୍ତେ ସାଧନା ମନ୍ଦିରରେ ଛାତ୍ରୀଛାତ୍ରମାନେ ଅନୁଭବ ଓ ଅନୁଭୂତି ସାଉଁଟିଲେ ସ୍ୱପ୍ନ ସଫଳ ହୋଇଥାଏ ବୋଲି ବାଲେଶ୍ୱର ଜିଲା ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭୋଗରାଇ ବ୍ଲକ ଆରଆଇଏଚଏସ୍( ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ )ର ୪୬ତମ ବର୍ଣ୍ଣାଢ଼୍ୟ ବାର୍ଷିକ ଉତ୍ସବରେ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି। ମହାବିଦ୍ୟାଳୟ ଅଧକ୍ଷ କେଦାର ସିଂ ଦାସଙ୍କ ପୌରୋହିତ୍ୟରେ ପରିଚାଳିତ ଉତ୍ସବରେ ଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ ଗାନ ପରେ ଅଧାପକ ଦେବାଶିଷ ପଣ୍ଡା ମଙ୍ଗଳାଚରଣ ପାଠ କରିଥିଲେ। ଅଧାପକ ବ୍ରଜବିହାରୀ ପତି ଓ ଅଧାପକ ଦିଲୀପ କୁମାର ଜେନା ବାର୍ଷିକ ବିବରଣୀ ପାଠ ଓ ଲକ୍ଷ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ମୁଖ୍ୟବକ୍ତା ବିଶିଷ୍ଟ ସ୍ତମ୍ଭକାର ସତ୍ୟଶିବ ଦାସ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି, ଭଦ୍ରଖ–ବାଲେଶ୍ୱର କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଆଶିଷ କୁମାର ପାତ୍ର, ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା ପ୍ରମୁଖ ତାଙ୍କ ବକ୍ତବ୍ୟରେ ସାଧନା ମନ୍ଦିରରେ ଛାତ୍ରୀଛାତ୍ରମାନେ ସ୍ୱପ୍ନ ଦେଖି ସାଧନା କଲେ ସିଦ୍ଧି ଲାଭ ହେବ ବୋଲି ପ୍ରକାଶ କରିଥିଲେ। କଲେଜ ମାଗାଜିନ ସ୍ୱର୍ଣ୍ଣରେଣୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ କଲେଜର ଶ୍ରୀବୃଦ୍ଧି କରିଥିବା ପୂର୍ବତନ ବିଧାୟକ ଅନନ୍ତ ଦାସଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧାପକ ରଞ୍ଜିତ ମଣ୍ଡଳ ଧନ୍ୟବାଦ ଦେଇଥିଲେ।

# 'ଶୃଙ୍ଖଳିତ ଛାତ୍ରୀଛାତ୍ର ଜୀବନରେ ଅଗ୍ରସର ହୁଅନ୍ତି'



ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ସିମୁଳିଆ, ୧୯।୧(ସନ୍ତୋଷ ନାୟକ)**

**ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରଥମ ବାର୍ଷିକ ଉତ୍ସବ**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦିଲୀପ କୁମାର ମହାରଣା ଅଧକ୍ଷତା କରି ବିଦ୍ୟାଳୟର ବାର୍ଷିକ ଉତ୍ସବ ପିଲାମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ କରିବା ସହିତ ଆଗକୁ ବଢିବାରେ ଖୋରାକ ଯୋଗାଇଥାଏ ବୋଲି କହିଥିଲେ।

ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ରାଣିତାଲ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୟ କୁମାର ମହାନ୍ତି ଯୋଗଦେଇ ଜାପାନ ଦେଶର ଛାତ୍ରୀଛାତ୍ରମାନଙ୍କ ଉଦାହରଣ ମାଧ୍ୟମରେ ଶୃଙ୍ଖଳାଗତ ଛାତ୍ରୀଛାତ୍ରମାନେ ଜୀବନରେ ଅଗ୍ରସର ହୁଅନ୍ତି ଓ ଦୃଢ଼ତା ଥିବା ଛାତ୍ରୀଛାତ୍ରମାନେ ସର୍ବାଗ୍ରେ ପହଞ୍ଚନ୍ତି, ପିଲାମାନଙ୍କ ବିକାଶ ପାଇଁ ଅଭିଭାବକମାନେ ପିଲାମାନଙ୍କ ଉପରେ ଚାପ ସୃଷ୍ଟି ନ କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ପଦ୍ମଲୋଚନ ପଣ୍ଡା ଭଗବାନଙ୍କ ନିକଟରେ ପହଞ୍ଚିବା ପାଇଁ ବିଦ୍ୟାଳୟ ଏକମାତ୍ର ମାଧ୍ୟମ ବୋଲି କହିଥିଲେ। ଅନ୍ୟତମ ଅତିଥି ରୂପେ ସିମୁଳିଆ କଲେଜର ଅଧକ୍ଷ ଉମେଶ ଚନ୍ଦ୍ର ସାହୁ ସଂସ୍କୃତିକୁ ବଞ୍ଚାଇ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠମାନଙ୍କୁ ସମ୍ମାନ ପ୍ରଦାନ ସମ୍ପର୍କରେ ସରପଞ୍ଚ ଧରଣୀଧର ନାୟକ କହିଥିଲେ। ସେହିପରି ଜୀବନର ଲକ୍ଷ୍ୟ ନିକଟରେ ପହଞ୍ଚିବା ପାଇଁ ବିଭିନ୍ନ ଗପ ମାଧ୍ୟମରେ ବିଇଓ ପ୍ରକାଶ ଚନ୍ଦ୍ର ମହାଲିକ ସୂଚନା ପ୍ରଦାନ କରିଥିଲେ। ଏହି ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଦ୍ୱାରା ସବୁଜତା ସୃଷ୍ଟି ପାଇଁ ବୃକ୍ଷ ଯୋଗାଇ ଦେବା ପାଇଁ ବୈଜ୍ଞାନିକ ଡ. ସଞ୍ଜୟ କୁମାର ମହାନ୍ତି କରିଥିଲେ। ପ୍ରଧାନ ଶିକ୍ଷକ ଅତିଥି ପରିଚୟ ଓ ବିବରଣୀ ପ୍ରଦାନ, ଶିକ୍ଷୟିତ୍ରୀ ମମତା ଦେ ଓ ଶିକ୍ଷକ ରତିକାନ୍ତ ଦାଶ ମଞ୍ଚ ସଞ୍ଚାଳନ ଓ ମମତାରାଣୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଯୁବତୀଙ୍କ ଆତ୍ମହତ୍ୟା

ସୋର, ୧୯।୧(ଜନ୍ମେଜୟ ମିଶ୍ର): ସୋର ଥାନା ଆଟପୁର ଗ୍ରାମର ଜଣେ ଯୁବତୀ ବେକରେ ଆପ୍ରନ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଏହି ଗ୍ରାମର ପଦ୍ମିନୀ ନାୟକ(୧୯) ରବିବାର ସକାଳେ ଘରେ କେହି ନ ଥିବାର ସୁଯୋଗ ନେଇ ଶୋଇବା ଘର ଫ୍ୟାନରେ ବେକରେ ଆପ୍ରନ ବାନ୍ଧି ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ଏକ ଅପମୃତ୍ୟୁ ମାମଲା(ନଂ. ୮/୨୫) ରୁଜୁ କରିଛି। ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ କରିଛି।

# କଷିପଦା ପଞ୍ଚାୟତ ହାଇସ୍କୁଲ ବାର୍ଷିକ ଉତ୍ସବ

**ବାଲେଶ୍ୱର, ୧୯।୧(ବାଞ୍ଛାନିଧି ଦେ)**

ବାଲେଶ୍ୱର ସଦର ବ୍ଲକ ରୂପସା ଥାନା ଅଧୀନ କଷିପଦା ପଞ୍ଚାୟତ ହାଇସ୍କୁଲର ୪୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ପ୍ରଧାନ ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ଛାତ୍ରୀଛାତ୍ର ଦେଶପ୍ରେମ ଓ ଜାତି ପ୍ରୀତିରେ ନିଜକୁ ସମର୍ପଣ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ନୀଳମଣି ମହାବିଦ୍ୟାଳୟର ଅଧକ୍ଷ ଡ. ତପନ କୁମାର ବେହେରା ଯୋଗଦେଇ ବିଦ୍ୟାର୍ଥୀଙ୍କ ଭାବନା ପବିତ୍ର ହେଲେ ରାଷ୍ଟ୍ରର ବିକାଶ ସମ୍ଭବ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଗୌରହରି ପ୍ରହରାଜ, ବିଦ୍ୟାଳୟ ପ୍ରତିଷ୍ଠାତା ଭଗବାନ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ହୋଇ ନୈତିକ ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଦିଗରେ ଆଲୋକପାତ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷକ ଗଣେଶ କୁମାର ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ କମଳଲୋଚନ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ ଏବଂ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ମୁଖ୍ୟଅତିଥି ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

# ବନେଇକଳା ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ

**ଯୋଡ଼ା, ୧୯।୧(ମାନସ ମହାନ୍ତି)**



ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ବନେଇକଳା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ରବିବାର ପ୍ରଥମ ଦିବସରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ, ବିଦ୍ୟାଳୟର ସଂସ୍ଥାପକ ତଥା ପ୍ରଥମ ପ୍ରଧାନ ଶିକ୍ଷକ ନିରଞ୍ଜନ ପଟ୍ଟନାୟକ,ଯୋଡ଼ା ପୌର ପାଳିକା ଅଧକ୍ଷ ଡା. ଜଗଦୀଶ ପ୍ରସାଦ ସାହୁ ଓ ମୁଖ୍ୟ ବକ୍ତା ଭାବେ ସିଟିଜିର ଅଧକ୍ଷ ଡ. ରାଜେନ୍ଦ୍ର ପଲେଇ ଯୋଗ ଦେଇଥିଲେ। ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟି ସଭାପତି ଶୀତଳ କୁମାର ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ନିରଞ୍ଜନ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ,କେନ୍ଦୁଝର ଜିଲାର ଯୋଡାରୁ ରାଜ୍ୟକୁ ସର୍ବାଧିକ ରାଜସ୍ୱ ଯାଉଛି, ହେଲେ ସେହି ତୁଳନାରେ ଅଞ୍ଚଳରେ ଶିକ୍ଷାର ଯେତିକି ପ୍ରସାର ହେବା କଥା ସେତିକି ହୋଇ ପାରୁ ନାହିଁ। ବର୍ତ୍ତମାନ ସରକାର ପ୍ରତି ବିଦ୍ୟାଳୟକୁ କଲେଜ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଯେହେତୁ ବନେଇ କଳାରେ ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି ତେଣୁ ଆଗାମୀ ଦିନରେ ଏହି ବିଦ୍ୟାଳୟ ମଧ୍ୟ କଲେଜରେ ପରିଣତ ହେବ ବୋଲି ସେ ଆଶାପୋଷଣ କରିଥିଲେ। ମୁଖ୍ୟ ଅତିଥି ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ କହିଥିଲେ ଯେ, ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ନିଃସ୍ୱାର୍ଥପର ଉଦ୍ୟମ ଓ ଉଚ୍ଚ ଶିକ୍ଷାଦାନ ଯୋଗୁ ଏହି ବିଦ୍ୟାଳୟ ସମଗ୍ର ଜିଲାରେ ସୁନାମ ଅର୍ଜନ କରିଛି। ଏହି ବିଦ୍ୟାଳୟର ଉନ୍ନତି ନିମନ୍ତେ ରହିଥିବା ଆବଶ୍ୟକତାକୁ ସେ ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟ ବକ୍ତା ଡ.ପଲେଇ କହିଥିଲେ ଯେ,ଲୋକଙ୍କ ପାଖରେ ତ ବହୁ ପଇସା ଅଛି,ହେଲେ ଯିଏ ଲୋକଙ୍କ ସେବା କରେ ,ଯିଏ ଲୋକଙ୍କ ଦୁଃଖରେ ଦୁଃଖୀ ହୁଏ,ସେହି ପଇସା ଭଗବାନଙ୍କ ପାଖରେ ସୋସିଆଲ କ୍ୟାପିଟାଲ ହୋଇ ଗଚ୍ଛିତ ହୁଏ। ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ବିଦ୍ୟାଳୟର ପୂର୍ବତନ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ବିଦ୍ୟାଳୟ ବିଭିନ୍ନ ସମସ୍ୟା ନେଇ ଚମ୍ପୁଆ ବିଧାୟକଙ୍କୁ ବିଦ୍ୟାଳୟ ପକ୍ଷରୁ ଦାବିପତ୍ର ଦିଆ ଯାଇଥିଲା।

## ଏଫ୍ଏମ୍‌ୟୁରେ ୨୯ରୁ 'ଉନ୍ମୁରୁମ୍'ର ତୃତୀୟ ସଂସ୍କରଣ

# ଉତ୍ସବର ଲୋଗୋ ଓ ପୋଷ୍ଟର ଉନ୍ମୋଚିତ

**ବାଲେଶ୍ୱର, ୧୯।୧(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ସାଂସ୍କୃତିକ ସମୃଦ୍ଧ ଉତ୍ସବ 'ଉନ୍ମୁରୁମ୍'ର ତୃତୀୟ ସଂସ୍କରଣ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧକ୍ଷତା କରିଥିଲେ। ଆସନ୍ତା ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ୩ଦିନ ବ୍ୟାପୀ ଆୟୋଜିତ କାର୍ଯ୍ୟକ୍ରମର ପରିଚାଳନା ନିମନ୍ତେ ରୂପରେଖ ପ୍ରସ୍ତୁତ ହୋଇଥିଲା।

ପ୍ରଥମ ଦିନରେ ପୁସ୍ତକ ଲୋକାର୍ପଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଦ୍ୱିତୀୟ ଓ ତୃତୀୟ ଦିନରେ 'କବିତା ଆସର' ଓ 'କାହାଣୀ ଉତ୍ସବ' ଅନୁଷ୍ଠିତ ହେବ। ଚଳିତବର୍ଷ ଏହି ଉତ୍ସବରେ ରୁଷିଆ, ନେପାଳ, ଶ୍ରୀଲଙ୍କା, ଆସାମ, ଦିଲ୍ଲୀ ତଥା ଓଡ଼ିଶାର ବିଭିନ୍ନ ପ୍ରାନ୍ତର ଲୋକନୃତ୍ୟ, ଲୋକକଳା ସମ୍ବନ୍ଧିତ ୧୮ରୁ ଉର୍ଦ୍ଧ୍ୱ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିରେ ଓଡ଼ିଶୀ, ବିହୁ, ଝୁମର, ଭାରତନାଟ୍ୟମ, ମଣିପୁରୀ, ଘୋଡ଼ାନାଚ, ଢେମସା, ସାନ୍ତାଳୀ, ମୁଣ୍ଡାରୀ ଆଦି ନାଚଗୁଡିକର ପରିବେଷଣ ପାଇଁ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଛି। ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ୬ଟି ଦଳଗତ ନୃତ୍ୟ ପରିବେଷଣର କାର୍ଯ୍ୟକ୍ରମ ରହିଛି। ସେହିପରି ଚିତ୍ର ଓ ପୁସ୍ତକ ପ୍ରଦର୍ଶନୀ ସହ ୪ଟି କର୍ମଶାଳାର ଆୟୋଜନ କରାଯିବ। ଏଥିରେ ଛାତ୍ରୀଛାତ୍ର ଓ ଆଗ୍ରହୀ ବ୍ୟକ୍ତିଙ୍କୁ ବିଭିନ୍ନ ଚିତ୍ରକଳା, ଜଉକଣ୍ଢେଇ ଗଢ଼ଣ, ବାଉଁଶ ନିର୍ମିତ ହସ୍ତଶିଳ୍ପ ଓ ଚାନ୍ଦୁଆ କାମ କରିବାର ସୁଯୋଗ ପ୍ରଦାନ କରାଯିବ। କୁଳସଚିବ କୁକୁମୀନା ଦାସ, ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଭାସ୍କର ବେହେରା, ବିତ୍ତ ନିୟନ୍ତ୍ରକ କରନ ସୋରେନ, ଭାଷା, ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ଏବଂ ସମସ୍ତ କମିଟି ମୁଖ୍ୟ ଓ ସଦସ୍ୟଙ୍କ ଉପସ୍ଥିତିରେ 'ଉନ୍ମୁରୁମ୍' ଉତ୍ସବରେ ବ୍ୟବହୃତ ହେବାକୁ ଥିବା ଲୋଗୋ ଓ ପ୍ରଥମ ପୋଷ୍ଟର ଉନ୍ମୋଚିତ କରାଯାଇଥିଲା।



ବୈଠକରେ ଲୋଗୋ ଓ ପୋଷ୍ଟର ଉନ୍ମୋଚନ କରାଯାଉଛି।

